# ମାର୍ଚ୍ଚ ୧୧ରେ ବୃହତ୍ ନିଯୁକ୍ତି ମେଳା

- ନିଯୁକ୍ତି ଆଶାୟୀ ଯୁବତୀଯୁବକଙ୍କ ଅଂଶଗ୍ରହଣ ଦିଗରେ ଧ୍ୟାନଦେବାକୁ ନିର୍ଦ୍ଦେଶ
- ଗ୍ରାମାଞ୍ଚଳ ନିଯୁକ୍ତି ଆଶାୟୀ ଯୁବତୀଯୁବକଙ୍କୁ ମିଶନ ଶକ୍ତି ସଦସ୍ୟା ବାର୍ତ୍ତା ଦେବେ


ବୈଠକରେ ଯୋଗଦେଇଥିବା ଅଧିକାରୀମାନେ ।

ଯାଜପୁର ଟାଉନ,୨୦।୨ (ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ ପ୍ରକୋଷ୍ଠରେ ଅତିରିକ୍ତ ଜିଲାପାଳ ନବକୃଷ୍ଣ ଜେନାଙ୍କ ଅଧ୍ୟକ୍ଷତାରେ ଜିଲାରେ ଏକ ବୃହତ୍ ନିଯୁକ୍ତି ମେଳା ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଶୁଭେନ୍ଦ୍ର ସାମଲ, ଜିଲାର ସମସ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ, ଜିଲା ମଙ୍ଗଳ ଅଧିକାରୀ ଶରତ ଚନ୍ଦ୍ର ବେହେରା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ସରକାରୀ ଶିଳ୍ପ ତାଲିମ୍ ଅନୁଷ୍ଠାନ ଅଧ୍ୟକ୍ଷ ପଦ୍ମଚରଣ ସେଠୀ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ରାଜେଶ ସ୍ୱାଇଁ, ଯାଜପୁର ପୌରପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଲକ୍ଷ୍ମୀଧର ରାଉତ, ଅତିରିକ୍ତ ଶିଳ୍ପ ଅଧିକାରୀ ସଞ୍ଜୟ ଦାସ, କନିଷ୍ଠ ଯନ୍ତ୍ରୀ ହିରନ୍ୟ ଲକ୍ଷ୍ମୀ ନାୟକ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ରବୀନ୍ଦ୍ର ନାଥ ବେହେରା, ଓରମାସର ଉପମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ କ୍ଷିତିଶ ଚନ୍ଦ୍ର ବଳ, ଅଧ୍ୟାପକ ସତିକାନ୍ତ ସାହୁ, ନୃସିଂହ ଚରଣ ବେହେରା, ଜିଲା ଦକ୍ଷତା ବିକାଶ ତଥା ନିଯୋଜନ ଅଧିକାରୀ ପ୍ରଭାତ ବସ୍ତ୍ରୀ, ମୁଖ୍ୟମନ୍ତ୍ରୀ ଦକ୍ଷତା ବିକାଶ କର୍ମଚାରୀ ହରିହର ମହାପାତ୍ର ପ୍ରମୁଖ ଯୋଗଦେଇ ମେଳାକୁ ସଫଳ କରିବା ଉଦ୍ଦେଶ୍ୟରେ ମତ ଉପସ୍ଥାପନ କରିଥିଲେ।

ମାର୍ଚ୍ଚ ୧୧ତାରିଖରେ ନରସିଂହ ଚୌଧୁରୀ (ସ୍ୱୟଂଶାସିତ) ମହାବିଦ୍ୟାଳୟ ପରିସରରେ ଏହି ବୃହତ୍ ନିଯୁକ୍ତି ମେଳା ଅନୁଷ୍ଠିତ ହେବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ମେଳାରେ ବିଭିନ୍ନ ପ୍ରତିଷ୍ଠିତ ବେସରକାରୀ ସଂସ୍ଥାର ନିଯୁକ୍ତିଦାତାଙ୍କ ସମେତ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣଙ୍କ ସହିତ ଅନୁବନ୍ଧିତ ଥିବା ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରିଣୀ ସଂସ୍ଥାର ଅଧିକାରୀଙ୍କୁ ଯୋଗଦେବା ପାଇଁ ନିଷ୍ପତ୍ତି ହୋଇଥିଲା।

ଜିଲାର ସମସ୍ତ ନିଯୁକ୍ତି ଆଶାୟୀ ଯୁବତୀଯୁବକ ଯେଭଳି ବହୁଳ ସଂଖ୍ୟାରେ ମେଳାର ଅଂଶଗ୍ରହଣ କରି ସୁଯୋଗ ନେଇପାରିବେ ସେଥିପ୍ରତି ବିଶେଷ ଧ୍ୟାନଦେବାକୁ ଅତିରିକ୍ତ ଜିଲାପାଳ ଜେନା ସମସ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ଏବଂ ଉପସ୍ଥିତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମେଳା ସମ୍ବନ୍ଧରେ ଗ୍ରାମାଞ୍ଚଳରେ ରହୁଥିବା ନିଯୁକ୍ତି ଆଶାୟୀ ଯୁବତୀଯୁବକ ଯେଭଳି ସଚେତନ ହୋଇ ଏହାର ସୁଯୋଗ ନେଇପାରିବେ ସେଥିପାଇଁ ମିଶନ ଶକ୍ତି ସଦସ୍ୟାଙ୍କ ଜରିଆରେ ବାର୍ତ୍ତା ପ୍ରଦାନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଜିଲାର ସମସ୍ତ ମହାବିଦ୍ୟାଳୟ, ଶିଳ୍ପ ତାଲିମ୍ କେନ୍ଦ୍ର ଏବଂ ଡିପ୍ଲୋମା ପାଠ୍ୟ ପ୍ରଦାନକାରୀ ଅନୁଷ୍ଠାନ ଛାତ୍ରୀଛାତ୍ରଙ୍କୁ ମେଳାରେ ଅଂଶଗ୍ରହଣ ପାଇଁ ସୂଚନା ପ୍ରଦାନ ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା।

ମେଳାରେ ମୋଟ ୫୦ ଷ୍ଟଲ ସହ ୩ କାଉଣ୍ଟର ଖୋଲାଯାଇ ବିଭିନ୍ନ ବ୍ଲକରୁ ଅଂଶଗ୍ରହଣ କରିଥିବା ପ୍ରାର୍ଥିନୀପ୍ରାର୍ଥୀଙ୍କ ନାମ ପଞ୍ଜୀକରଣ କରାଯିବ। ସେହିଭଳି ଅଗ୍ନିବୀର ପଦବୀରେ ନିଯୁକ୍ତି ନିମନ୍ତେ ଇଚ୍ଛୁକ ଯୁବତୀଯୁବକଙ୍କ ପାଇଁ ଆର୍ମି, ଏୟାର ଫୋର୍ସ ଓ କୋଷ୍ଟ ଗାର୍ଡ ଆଦି ପ୍ରତିରକ୍ଷା ବିଭାଗକୁ ଏହି ମେଳାରେ ଅଂଶଗ୍ରହଣ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଜିଲାରେ କାର୍ଯ୍ୟ କରୁଥିବା ବିଭିନ୍ନ ବୃହତ୍ କମ୍ପାନୀଗୁଡ଼ିକୁ ମଧ୍ୟ ଅଂଶଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ମେଳା ସମୟରେ ଆଇନ ଶୃଙ୍ଖଳା ପାଇଁ ପୋଲିସ ଫୋର୍ସ ମୁତୟନ, ସ୍ୱାସ୍ଥ୍ୟ ସେବା ପାଇଁ ମେଡିକାଲ୍ ଟିମ୍ ଓ ଆମ୍ବୁଲାନ୍ସ ଯୋଗାଇଦେବାକୁ କୁହାଯାଇଛି। ଅଗ୍ନି ନିର୍ବାପକ ସୁରକ୍ଷା ପାଇଁ ବିଭାଗର କର୍ମଚାରୀ ମୁତୟନ ରହିବେ। ମେଳା ସମୟରେ ପାନୀୟ ଜଳ ଯୋଗାଣ ସହ ପରିମଳ ଓ ସ୍ୱାସ୍ଥ୍ୟ ରକ୍ଷା ସେବା ଯୋଗାଇଦେବା ପାଇଁ ନିଷ୍ପତ୍ତି ହୋଇଛି। ନରସିଂହ ଚୌଧୁରୀ (ସ୍ୱୟଂଶାସିତ) ମହାବିଦ୍ୟାଳୟର ସ୍ୱେଚ୍ଛାସେବୀ ଛାତ୍ରୀଛାତ୍ର ସହଯୋଗ କରିବାକୁ କୁହାଯାଇଛି।

# ମାଗଣା ଚକ୍ଷୁ ଚିକିତ୍ସା ଶିବିର


ଶିବିରରେ ଜଣେ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରାଯାଉଛି।

ଦଶରଥପୁର,୨୦।୨(ସୁଶାନ୍ତ କୁମାର ବେହୁରିଆ):

ଦଶରଥପୁର ବ୍ଲକ୍ ଅଧୀନ ଅସନପୁର-ଚଷାଖଣ୍ଡ ଯୁବ ସଂସଦ ତରଫରୁ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଛତ୍ରପଡ଼ା ଅଙ୍ଗନୱାଡ଼ି କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଚକ୍ଷୁ କରୀକ୍ଷା କରାଯିବା ସହ ଚଷମା ପ୍ରଦାନ କରାଯାଇଛି। ଏହି ଶିବିର ଭୂମିକା ଚକ୍ଷୁ ଚିକିତ୍ସାଳୟ ତରଫରୁ ଆୟୋଜିତ ହୋଇଥିଲା। ଡା. ଶୁଭଶ୍ରୀ ଶୁଭସ୍ମିତା ସାହୁ ଓ ତାଙ୍କ ସହଯୋଗୀ ଶର୍ମିଷ୍ଠା ସାହୁ, ଆଶାରାଣୀ ବେହେରା, ଅନ୍ନପୂର୍ଣ୍ଣା ପଣ୍ଡା, ବିଶ୍ୱନାଥ ଗୋଛୟାତ ପ୍ରମୁଖ ଯୋଗଦାନ କରି ଚକ୍ଷୁ ପରୀକ୍ଷା କରିଥିଲେ। ମନ୍ମିନ ଅଲ୍ଲୀ, ଚନ୍ଦ୍ରନାରାୟଣ ଦାସ, ପ୍ରମୋଦ ମହାପାତ୍ର, ମାନସ ଦାସ, ପତିତପାବନ ସାହୁ, ଅମ୍ବିକା ସାହୁ, ଶୁଭମ ଦାସ, କୈଳାଶ ଜେନା, ବିଜୟ ସାମଲ, ଜୟନ୍ତ ରାଉତ, ଯଯାତି କେଶରୀ ମହାନ୍ତି ଓ ଶୁଭଶକ୍ତି ସୁତାର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଆଜି ସଂକଳ୍ପ ସିଦ୍ଧି ଭବନ ଉଦ୍‌ଘାଟନ

ଯାଜପୁରରୋଡ୍,୨୦।୨(ପବିତ୍ର ମହାନ୍ତି):

ଯାଜପୁର ରୋଡ ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ବ୍ୟାସନଗର ପୌରାଞ୍ଚଳର ୧୨ ନମ୍ବର ୱାର୍ଡ ଦଣ୍ଡିକିରିଠାରେ ସଂକଳ୍ପ ସିଦ୍ଧି ଭବନ ନାମକ ଏକ ରାଜ ଯୋଗକେନ୍ଦ୍ର ଆସନ୍ତା ୨୧ ତାରିଖରେ ଉଦ୍‌ଘାଟିତ ହେବ। ଏନେଇ ସଂକଳ୍ପ ସିଦ୍ଧି ଭବନ ପରିସରରେ ଏକ ଖବରଦାତା ସମ୍ମିଳନୀ କରି ବ୍ରହ୍ମାକୁମାରୀ ସୁଚିତ୍ରା ସୂଚନା ଦେଇଛନ୍ତି।

ତାଙ୍କ ସୂଚନା ମୁତାବକ, ଉକ୍ତଦିନ ପୂର୍ବାହ୍ନରେ ଜହ୍ନାଛକରୁ ଏକ ବାଇକ୍ ଶୋଭାଯାତ୍ରାରେ ଅତିଥିଙ୍କୁ ପାଛୋଟି ଅଣାଯିବ। ପରେ ନହକା ଗ୍ରାମର ଅଭୟେଶ୍ୱର ଶିବ ମନ୍ଦିର ନିକଟରୁ କେନ୍ଦ୍ର ପର୍ଯ୍ୟନ୍ତ କଳସ ଶୋଭାଯାତ୍ରା ଅନୁଷ୍ଠିତ ହେବ। ପୂର୍ବାହ୍ନ ୧୧ଟାରେ ରାଜଯୋଗିନୀ ବ୍ରହ୍ମାକୁମାରୀ ଜୟନ୍ତୀ ଭଉଣୀ ସଂକଳ୍ପ ସିଦ୍ଧି ଭବନକୁ ଉଦ୍‌ଘାଟନ କରିବେ। ଏହି ଅବସରରେ କଟକ ଜୋନର ନିର୍ଦ୍ଦେଶକ ବିକେ କମଳେଶ ଭଉଣୀ, ଅତିରିକ୍ତ ନିର୍ଦ୍ଦେଶକ ବିକେ ସୁଲୋଚନା ଭଉଣୀ, ଜିନ୍ଦଲର ପରିଚାଳନା ନିର୍ଦ୍ଦେଶିକା ଦୀପିକା ଜିନ୍ଦଲ ଓ କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ସପନ କୁମାର ନନ୍ଦ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ରହିବେ । ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରୁ ପାଖାପାଖି ୨ ହଜାର ଭଉଣୀଭାଇ ଯୋଗଦେବେ।

ଖବରଦାତା ସମ୍ମିଳନୀରେ ବଡ଼ଚଣା କେନ୍ଦ୍ର ସଞ୍ଚାଳିକା ବିକେ ମାନସୀ, ଅନୁଗୋଳ କେନ୍ଦ୍ରର ସଂଚାଳିକା ବିକେ ମିନତି, କରଞ୍ଜିଆ ସେବାକେନ୍ଦ୍ରର ସଞ୍ଚାଳିକା ବିକେ ପୂର୍ଣ୍ଣିମା ଯୋଗଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ବିକେ କମଳଲୋଚନ ସାହୁ, ବିକେ ଲୋକନାଥ ରାଉତ, ବିକେ ଭାବନା, ବିକେ ରୀତା, ବିକେ ବିଜୟା, ବିକେ ପ୍ରଣତି, ବିକେ ଅନିତା, ବିକେ ଲକ୍ଷ୍ମୀ, ବିକେ ଜୟନ୍ତୀ, ବିକେ କାବେରୀ, ବିକେ ପ୍ରତିଭା, ବିକେ ସୁମିତ୍ରା, ବିକେ ଗୋପାଳ, ବିକେ ପୁରୁଷୋତ୍ତମ, ବିକେ ଭୀମସେନ, ବିକେ ମହେନ୍ଦ୍ର, ବିକେ ଭରତ, ବିକେ କେଦାର, ବିକେ ବଳରାମ, ବିକେ ମହେନ୍ଦ୍ର ଓ ବିକେ ଯଶୋବନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

# ଚୋରି ଅଭିଯୋଗରେ ୩ ଗିରଫ

ଯାଜପୁରରୋଡ୍,୨୦।୨(ପବିତ୍ର ରଞ୍ଜନ ମହାନ୍ତି):

ଯାଜପୁରରୋଡ୍ ଥାନା ଧବଳଗିରି ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ଘରୁ ଚୋରି ଅଭିଯୋଗରେ ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ଲକ୍ଷ୍ମୀନଗର ହୁଡ଼ିସାହି ଅଞ୍ଚଳର ବିନୋଦ ପାତ୍ର (୨୨), ଟୁକୁଲା ଜେରାଇ ଆଲିଆସ ଲେବା (୩୦) ଓ ପନାସିଆ ଗ୍ରାମର ସେକ ନୁର ଇସଲାମ (୪୨)।

ବ୍ୟାସନଗର ସହର ଧବଳଗିରି ଭିଏନ୍ କଲେଜ ପଛପାଖ ନରେନ୍ଦ୍ର ସାହୁଙ୍କ ଘର ପ୍ରାଙ୍ଗଣରୁ ଗତ ୧୭ ତାରିଖ ରାତିରେ ଏକ ପାଣିପମ୍ପ ଏବଂ ୨୩ ଖଣ୍ଡ ଲୁହା ରଡ଼ ଚୋରି ହୋଇଥିଲା। ଏନେଇ ନରେନ୍ଦ୍ରଙ୍କ ସ୍ତ୍ରୀ ମୀନାକ୍ଷୀ ସାହୁ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘରର ସିସିଟିଭି ଫୁଟେଜକୁ ଆଧାରକରି ଉକ୍ତ ଚୋରିରେ ସମ୍ପୃକ୍ତ ଥିବା ବିନୋଦ ଏବଂ ଟୁକୁଲାଙ୍କୁ ଗିରଫ କରି ପଚରାଉଚରା କରିଥିଲା। ସେମାନେ ଚୋରି କରିଥିବା ଏବଂ ଉକ୍ତ ଚୋରି ସାମଗ୍ରୀ ପାନାସିଆ ଅଞ୍ଚଳର କବାଡ଼ିଆ ସେକ ନୁରଙ୍କୁ ବିକ୍ରି କରିଥିବା ପୋଲିସ ନିକଟରେ ପ୍ରକାଶ କରିଥିଲେ। ଏହାପରେ ପୋଲିସ କବାଡିଆ ଗୋଦାମରେ ଚଢ଼ାଉ କରି ଚୋରି ସାମଗ୍ରୀ ଜବତ କରିବା ସହ ସେକ ନୁରଙ୍କୁ ଗିରଫ କରିଥିଲା। ଏନେଇ ଥାନାରେ ନଂ.୯୧/୨୫ରେ ଏକ ମାମଲା ରୁଜୁ ହୋଇଛି। ଅଭିଯୁକ୍ତ ଟୁକୁଲାଙ୍କ ନାମରେ ଯାଜପୁରରୋଡ୍ ଥାନାରେ ପୂର୍ବରୁ ୧୧ଟି ମାମଲା ରହିଥିବା ଥାନାଧିକାରୀ ଉପେନ୍ଦ୍ର ପ୍ରଧାନ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ତେବେ ଟୁକୁଲାଙ୍କ ନାମରେ ଏତେଗୁଡିଏ ମାମଲା ଥିଲେ ମଧ୍ୟ କାହିଁକି ପୋଲିସ ତାଙ୍କୁ ଗିରଫ କରି ନ ଥିଲା ତାହା ପୋଲିସର କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।


ଗିରଫ ୩ ଅଭିଯୁକ୍ତ।

# 'ଗୁଣାତ୍ମକ ମୂଲ୍ୟାୟନରେ ଶିକ୍ଷକଙ୍କ ଭୂମିକା' ଆଲୋଚନା


ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥି।

ଚଣ୍ଡିଖୋଲ,୨୦।୨(ପ୍ରଦୀପ୍ତ କୁମାର ପୃଷ୍ଟି):

ଓଡ଼ିଶା ମାଧ୍ୟମିକ ସ୍କୁଲ୍ ଶିକ୍ଷକ ସଂଘ(ଓଷ୍ଟା)ବଡ଼ଚଣା ଶାଖା ପକ୍ଷରୁ ଖଇରାସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ 'ଗୁଣାତ୍ମକ ମୂଲ୍ୟାୟନରେ ଶିକ୍ଷକଙ୍କ ଭୂମିକା' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବଡ଼ଚଣା ଓଷ୍ଟା ସଭାପତି ଦୟାନିଧି ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବରେ ଯାଜପୁର ଜିଲା ଶିକ୍ଷା ଅଧିକାରୀ ନିତ୍ୟାନନ୍ଦ ବାରିକ, ମୁଖ୍ୟବକ୍ତା ଭାବେ ବଡ଼ଚଣା ମଣ୍ଡଳ ଶିକ୍ଷା ଅଧିକାରୀ ସବିତା ସାହୁ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଭାଗ୍ୟଧର ସାହୁ, ସୁଧୀର ଚନ୍ଦ୍ର ସାମଲ, ଓଷ୍ଟାର ଯୁଗ୍ମ ସାଧାରଣ ସମ୍ପାଦକ ବ୍ରଜକିଶୋର ବିଶ୍ୱାଳ, ସବିତା ଘଡେଇ, ରଜନୀ କାନ୍ତ ପୃଷ୍ଟି ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଗୁଣାତ୍ମକ ମୂଲ୍ୟାୟନର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ପୂର୍ଣ୍ଣ ଅନୁଦାନପ୍ରାପ୍ତ ୧୦ ଉଚ୍ଚ ବିଦ୍ୟାଳୟରେ ନବନିଯୁକ୍ତ ୨୫ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଧାନଶିକ୍ଷକ ସ୍ମୃତି ରଞ୍ଜନ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟ ପରିସରରେ ଏକ ମାନଚିତ୍ରକୁ ମୁଖ୍ୟ ଅତିଥି ଲୋକାର୍ପଣ କରିଥିଲେ। ପ୍ରାଥମିକ ଶିକ୍ଷକ ସଂଘ ସଭାପତି ସନ୍ତୋଷ କୁମାର ଜେନା ଓ ସମ୍ପାଦକ ପ୍ରଶାନ୍ତ ବେହେରା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସତ୍ୟବାଦୀ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସୁବାସ ଚନ୍ଦ୍ର ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ଆଜିଠୁ ଡୁବୁରୀ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

କଳିଙ୍ଗନଗର,୨୦।୨(ଶୁଭାଶିଷ ରାଉତ):

ଡୁବୁରିଠାରେ ଡୁବୁରୀ ପ୍ରିମିୟର ଲିଗ୍-୨୦୨୫ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆସନ୍ତା ୨୧ରୁ ୨୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏନେଇ ନେଇ ଲିଗ୍‌ର ଆୟୋଜକ ଜୟନ୍ତ ରାଉତ, ସୁଜିତ ରାଉତ ପ୍ରମୁଖ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଆୟୋଜକଙ୍କ ପକ୍ଷରୁ ବିଜୟୀ ଦଳକୁ ୧,୫୫,୫୫୫ ଓ ପରାଜିତ ଦଳକୁ ୧,୧୧,୧୧୧ ଟଙ୍କା ଅର୍ଥରାଶି ସହ ଟ୍ରଫି ପ୍ରଦାନ କରାଯିବ। ଏଥିରେ ବହୁ ନାମିଦାମି ଖେଳାଳି ଅଂଶଗ୍ରହଣ କରିବେ। ଦର୍ଶକଙ୍କ ମନୋରଞ୍ଜନ ପାଇଁ ଚିଅର ଗାର୍ଲ ଡ୍ୟାନ୍ସ ବ୍ୟବସ୍ଥା କରାଯିବ। ମ୍ୟାଚ୍‌ରେ ବହୁ ସଂଖ୍ୟକ ଦର୍ଶକ ଯୋଗଦେବାକୁ ଆୟୋଜକଙ୍କ ପକ୍ଷରୁ ଅନୁରୋଧ କରାଯାଇଛି।

# ଚବିଶ ପ୍ରହର ନାମଯଜ୍ଞ

ଜେନାପୁର,୨୦।୨(ଅଶୋକ ଦାସ):

ଧର୍ମଶାଳା ବ୍ଲକ ଅନ୍ତର୍ଗତ ବୃନ୍ଦାଦେଇପୁର ପଞ୍ଚାୟତ ଦଇପୁର ଗ୍ରାମରେ ୪୧ତମ ଚବିଶ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଗ୍ରାମ ପୋଖରୀରୁ ୧୦୮ କଳସଧାରୀଙ୍କ ଦ୍ୱାରା ଜଳ ଆଣି ଗୌରାଙ୍ଗ ମହାପ୍ରଭୁଙ୍କୁ ମଣ୍ଡପ ଆବାହନ କରାଯାଇଥିଲା। ପରେ ଅଖଣ୍ଡ ନାମ ସଂକୀର୍ତ୍ତନ କରାଯାଇଥିଲା। ୧୫ରୁ ଊର୍ଦ୍ଧ୍ୱ ସଂକୀର୍ତ୍ତନ ଦଳ ଯୋଗନେଇ ହରିନାମ ଜପ କରିଥିଲେ। ଗ୍ରାମବାସୀଙ୍କ ଦ୍ୱାରା ହରିହାଟରେ ଭାଗବତ ପଠନ କରାଯାଇଥିଲା। ଅପରାହ୍ନରେ ବୈଠକ କୀର୍ତ୍ତନ କରାଯିବା ସହ ନଗର ପରିଭ୍ରମଣ ହୋଇଥିଲା। ଗ୍ରାମ ପରିକ୍ରମା କରି ପ୍ରଭୁ କୁଞ୍ଜ ପ୍ରବେଶ କରିଥିଲେ। ସୂର୍ଯ୍ୟାସ୍ତ ପୂର୍ବରୁ ଦଧି କଳସ ଭଙ୍ଗା ଯାଇଥିଲା। ଅନୁଷ୍ଠାନର ମୁରବୀ ପୀତବାସ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହା ପରିଚାଳନା ହୋଇଥିଲା। ପଣ୍ଡିତ ରମାକାନ୍ତ ଶତପଥୀ, ରଘୁନାଥ ଶତପଥୀ ଓ ଅଶ୍ୱିନୀ ଶତପଥୀଙ୍କ ସ୍ୱାରା ରୀତିନୀତି ଅନୁଯାୟୀ ପୂଜା କାର୍ଯ୍ୟ ସମ୍ପାଦନ କରାଯାଇଥିଲା।

# ଅଭିରାମ ପରମହଂସଙ୍କ ଭକ୍ତ ସମ୍ମିଳନୀ ଉଦ୍‌ଯାପିତ

ଧର୍ମଶାଳା,୨୦।୨(ବଟକୃଷ୍ଣ ପରିଡା):

ଧର୍ମଶାଳା ବ୍ଲକ୍ ଜାରକାସ୍ଥିତ ଜେମାଶୁଣୀ ମନ୍ଦିର ପରିସରରେ ୧୪ତାରିଖ ଠାରୁ ଆରମ୍ଭ ହୋଇଥିବା ଠାକୁର ଶ୍ରୀଅଭିରାମ ପରମହଂସଙ୍କ ସନାତନ ଧର୍ମ ସମ୍ମିଳନୀ ଓ ଭକ୍ତ ମିଳନ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଭକ୍ତ ସମ୍ମିଳନୀର ବିଭିନ୍ନ ଦିବସରେ ଠାକୁରଙ୍କ ଷୋଡ଼ଶ ଉପଚାର ପୂଜା, ନଗର ପରିକ୍ରମା, ଭଜନ କୀର୍ତ୍ତନ, ପ୍ରବଚନ, ପାଲା, ଓଡିଶୀ ନୃତ୍ୟ, ସମ୍ବଲପୁରୀ ନୃତ୍ୟ, ଜୁମର୍ ଓ ଲୀଳାଚରିତ ନାଟକ ଆଦି ପରିବେଷଣ କରାଯାଇଥିଲା। ମୁଖ୍ୟଧାମ କରମଳାର ବାବାଜୀ ହରେକୃଷ୍ଣ ଦାସ ମହାରାଜ ଭକ୍ତ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ବିଭିନ୍ନ ଦିବସରେ ଅତିଥି ଭାବେ ବରିଷ୍ଠ ସାଧୁ ସଦାନନ୍ଦ ଦାସ ମହାରାଜ, ହରେକୃଷ୍ଣ ଦାସ, ନୀଳମଣି ଦାସ, ବନବିହାରୀ ଦାସ, ଦତ୍ତାତ୍ରୟ ଦାସ, ଦିବ୍ୟଚେତନ ଦାସ, ରାଧାରମଣ ଦାସ, ଜଗବନ୍ଧୁ ଦାସ, ଦିବାକର ଦାସ, ପ୍ରବଚକ ଭାବେ ବାବାଜୀ ବୁଦ୍ଧଦେବ ଦାସ ମହାରାଜ, ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ପ୍ରଫେସର ନିରଞ୍ଜନ ସାହୁ, ଜାତୀୟ ବିଜ୍ଞାନ ଗବେଷଣା ଶିକ୍ଷା ପ୍ରତିଷ୍ଠାନର ପ୍ରଫେସର ଅଭୟ କୁମାର ନାୟକ ଓ ନିଖିଳ ଉତ୍କଳ ପ୍ରବକ୍ତା ପରିଷଦର ସଭାପତି ପଣ୍ଡିତ ପଦ୍ମନାଭ ତ୍ରିପାଠୀ ଯୋଗଦେଇ ଠାକୁରଙ୍କ ଭାବାଦର୍ଶ ସମ୍ପର୍କରେ ଆଲୋଚନା କରିଥିଲେ।

ପାଲା ଗାୟକ ପ୍ରହ୍ଲାଦ ଆଚାର୍ଯ୍ୟ, ଗାୟିକା କଳ୍ପନା ନାୟକ, ସୁଲୋଚନା ପଣ୍ଡା ଓ ସାଥୀମାନେ ପାଲା ପରିବେଷଣ କରିଥିଲେ। କଣ୍ଠଶିଳ୍ପୀ କ୍ଷୀରୋଦ ନାଥ, କୁଞ୍ଜବିହାରୀ ଜେନା, ଶିବପ୍ରସାଦ ବାରିକ, ସୁରେନ୍ଦ୍ର ଜେନା, ବିଷ୍ଣୁ ଚରଣ ସାହୁ, ନରେଶ ଚନ୍ଦ୍ର ମହାନ୍ତି, ମୋହନ ମହାନ୍ତି, ପ୍ରଦୀପ ପଣ୍ଡା, ପ୍ରଦୀପ୍ତ ବେହେରା, ରଙ୍ଗାଧର ମହାପାତ୍ର, ଶ୍ରୀବତ୍ସ ପାଢ଼ୀ, ସୁଶ୍ରୀ କଳ୍ପନା ପଣ୍ଡା, ଗାୟତ୍ରୀ ଦାସ, ସଞ୍ଜୀବନୀ ସୁଧା ସୂତାର, ଝୁନୁ ମା' ଓ ପୂର୍ଣ୍ଣିମାପ୍ରଭା ଲେଙ୍କା ଭଜନ ପରିବେଷଣ କରିଥିଲେ। ନାଟ୍ୟକାର ଡ. ଭିକାରୀ ସାମଲଙ୍କ ରଚିତ ଓ ନିର୍ଦ୍ଦେଶନାରେ ଜାରକା ଭକ୍ତ ଗୋଷ୍ଠୀଙ୍କ ପକ୍ଷରୁ ଲୀଳା ନାଟକ 'ଅଭିରାମ ନାମ ଗାଇ ଜୀବନ ଯାଉ' ଓ 'ଦିନେ ନ ଖୋଜିଲ ଦୀନବନ୍ଧୁ' ମଞ୍ଚସ୍ଥ ହୋଇଥିଲା। ଆୟୋଜକ ଯାଜପୁର ଜିଲା ଶ୍ରୀଅଭିରାମ ଭକ୍ତ ସମିତିର ସମସ୍ତ କର୍ମକର୍ତ୍ତା, ସଦସ୍ୟ ଓ ଭକ୍ତମାନେ ସମ୍ମିଳନୀ ପରିଚାଳନାରେ ସହଯୋଗ କରିଥିଲେ।


ସମ୍ମିଳନୀରେ ଯୋଗଦେଇଥିବା ସାଧୁସନ୍ଥମାନେ।

# ମହାପୁରୁଷଙ୍କ ଜନ୍ମପୀଠ ଅବହେଳିତ

**କାନ୍ତକବିଙ୍କ ଜନ୍ମପୀଠକୁ ସାରସ୍ୱତ-ତୀର୍ଥ ମାନ୍ୟତା ଦାବି କଲା ଅଖିଳଚକ୍ର**

ଯାଜପୁର,୨୦।୨(ହର୍ଷବର୍ଦ୍ଧନ ବେହେରା):

କେନ୍ଦ୍ର ଓ ରାଜ୍ୟ ସରକାର ତୀର୍ଥକ୍ଷେତ୍ର ଓ ପର୍ଯ୍ୟଟନସ୍ଥଳୀକୁ ସୌନ୍ଦର୍ଯ୍ୟକରଣ ଦିଗରେ ଅନେକ କୋଟି ଟଙ୍କା ମଞ୍ଜୁର କରି ଚାଲିଛନ୍ତି। କିନ୍ତୁ ଓଡ଼ିଆ ଜାତି ଓ ଭାଷାର ଅସ୍ମିତା କୁହାଯାଉଥିବା ମହାପୁରୁଷମାନଙ୍କ ଜନ୍ମପୀଠ ଅବଲୁପ୍ତ ଅବସ୍ଥାରେ ଥିଲେ ହେଁ ଏଥିପ୍ରତି କାହାରି ଦୃଷ୍ଟି ପଡୁ ନ ଥିବା ଯୋଗୁ କ୍ଷୋଭ ପ୍ରକାଶ ପାଇଛି। ଓଡିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଥିବା ତାଳପଦା ଗ୍ରାମର ବନ୍ଦେ ଉତ୍କଳଜନନୀର ରଚୟିତା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଜନ୍ମପୀଠ ତଥା ସାଧନା କ୍ଷେତ୍ର ଏବଂ ଯାଜପୁର ଜିଲାର ବାଲିଆ ଗ୍ରାମର କବି ଅଭିମନ୍ୟୁଙ୍କ ସାଧନା ପୀଠ ଅବହେଳିତ ହୋଇ ପଡିରହିଛି । ଯାହାକୁ ଅବଲୋକନ କଲେ ସାହିତ୍ୟିକ ଓ ଲେଖକମାନଙ୍କୁ ବହୁତ କଷ୍ଟ ଦେଉଛି ବୋଲି ଅଖିଳଚକ୍ର ପକ୍ଷରୁ କ୍ଷୋଭ ପ୍ରକାଶ କରାଯାଇଛି। ଯାଜପୁର ଜିଲାର ବରିଷ୍ଠ ନାଗରିକ ତଥା ଅଖିଳଚକ୍ରର କର୍ମକର୍ତ୍ତାମାନେ ଭଦ୍ରକ ଜିଲା ତିହିଡିର ତାଳପଦାଠାରେ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଜନ୍ମପୀଠ, ସମାଧି ପୀଠ, ତାଙ୍କର ଇଷ୍ଟଦେବଙ୍କ ମନ୍ଦିର ଓ ପୁରାତନ ବାସଗୃହ ଏବଂ ମାନସପୁତ୍ର କୃପାସିନ୍ଧୁ ଦାଶଙ୍କ ଅବଲୁପ୍ତ ସାଧନାପୀଠ ପରିକ୍ରମା କରିଥିଲେ। ଏହାପରେ ସ୍ୱାଧୀନତା ସଂଗ୍ରାମୀ ତଥା ବିପ୍ଳବୀ କବି କୃପାସିନ୍ଧୁ ଦାଶଙ୍କ ନୂତନ ଗୋପାଳଜୀଉ , ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଯୋଗ ଦେଇଥିଲେ। ଅଖିଳଚକ୍ରର ସଦସ୍ୟମାନଙ୍କୁ ସେଠାରେ ତାଙ୍କର ଉତ୍ତରାଧିକାରୀମାନେ ସମ୍ବର୍ଦ୍ଧିତ କରିଥିଲେ। ମନ୍ଦିର ସମ୍ମୁଖରେ ଏବଂ କାନ୍ତକବିଙ୍କ ଅଡିଟୋରିୟମ ୨ଟି ସ୍ଥାନରେ ଅଖିଳଚକ୍ର ପକ୍ଷରୁ ଆଲୋଚନା ସଭା କରାଯାଇଥିଲା। ଅନୁଷ୍ଠାନର ଉପସଭାପତି ଅଧ୍ୟାପକ ଅଜୟକୁମାର ଓଝାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ସାଧାରଣ ସମ୍ପାଦକ ହରେକୃଷ୍ଣ ପଣ୍ଡା କାନ୍ତକବିଙ୍କ ସାଧନା ଓ ସଂଗ୍ରାମ ଯାଜପୁର ସହିତ ଘନିଷ୍ଠ ସମ୍ପର୍କଥିବା ଦର୍ଶାଇଥିଲେ। ସ୍ୱାଧୀନତା ସଂଗ୍ରାମ ଓ ଓଡିଆ ଭାଷାକୁ ଋଦ୍ଧିମନ୍ତ କରିବାରେ ଉଭୟ କାନ୍ତକବି ଓ କୃପାସିନ୍ଧୁ ଦାଶଙ୍କ ଅବଦାନ ଉଲ୍ଲେଖନୀୟ ଥିବା ଯୋଗୁ ସେମାନେ ଓଡିଶାର ଅସ୍ମିତା ବୋଲି କହିବା ସହିତ ଏହି କ୍ଷେତ୍ରଟିକୁ ପୁନରୁଦ୍ଧାର କରାଯାଇ ଓଡ଼ିଶାର ଏକ ସାରସ୍ୱତ ତୀର୍ଥଭୂମି ଭାବେ ପରିଗଣିତ କରିବାକୁ କର୍ମକର୍ତ୍ତାମାନେ ଦାବି କରିଥିଲେ। ପ୍ରଧାନ ଶିକ୍ଷକ ନାରାୟଣ ଚନ୍ଦ୍ର ଦାସ, ବାଣୀକଲ୍ୟାଣ ମହାପାତ୍ର, ଭାରତୀ ପତି, ଜୟନ୍ତୀ ଦାଶ, କିରଣବାଳା ଦାଶଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ରାଜ୍ୟ ସଭାପତି ରାଜ୍ୟବର୍ଦ୍ଧନ ଧଳମହାପାତ୍ର, ସହସମ୍ପାଦକ ଗୌରାଙ୍ଗ ଚରଣ ସ୍ୱାଇଁ, ପ୍ରଧାନ ଶିକ୍ଷକ ପୀତାମ୍ବର ସ୍ୱାଇଁ, ସାହିତ୍ୟିକ ଓ କବି ସରୋଜ କୁମାର ସାମଲ, ସତ୍ୟପ୍ରିୟ ସ୍ୱାଇଁ, କବି ଜିତେନ୍ଦ୍ର କୁମାର ବେହେରା, ଅରୁଣ କୁମାର ସାମଲ, ଶିବ ପ୍ରସାଦ ଦାଶ, ଶିକ୍ଷକ ପ୍ରଭାସ ଚନ୍ଦ୍ର ପଣ୍ଡା ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। କାନ୍ତକବିଙ୍କ ଅଡିଟେରିୟମରେ ପୁରୀରୁ ଆସିଥିବା ଅନ୍ନପୂର୍ଣ୍ଣା ପଣ୍ଡା ଓ ତାଙ୍କର ସାଥୀ କାନ୍ତକବିଙ୍କ ଉପରେ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ।


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅଖିଳଚକ୍ରର ସଦସ୍ୟମାନେ।

**ଘୂର୍ଣ୍ଣିଝଡ଼: ଡାଙ୍ଗମାଳରେ ଭୁଶୁଡ଼ିଲା ଯାତ୍ରା ପାର୍ଟି ଟେଣ୍ଟ**

**ରାଜନଗର, (ଭାସ୍କର ରାଉତରାୟ):** ରାଜନଗର ଅଞ୍ଚଳରେ ଗୁରୁବାର ଅପରାହ୍ଣ ୫ ଟାରେ ଘୂର୍ଣ୍ଣିଝଡ଼ ସହ ବର୍ଷା ଯୋଗୁ ବ୍ୟାପକ କ୍ଷୟକ୍ଷତି ହୋଇଛି। ଡାଙ୍ଗମାଳରେ ଘୂର୍ଣ୍ଣିଝଡ଼ ଦୀର୍ଘ ୧ ଘଣ୍ଟା ଧରି ଲାଗି ରହିଥିଲା। ଏଥିରେ ଡାଙ୍ଗମାଳଠାରେ ଯାତ୍ରା ଯାଜ୍ଞସେନୀର ଟେଣ୍ଟ, ଗେଟ୍ ଓ ମଞ୍ଚ ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ଟେଣ୍ଟ ଉପରେ ଥିବା ପାଲ ଓ କେତେକ ଚେୟାର ଉଡ଼ି ଦୂରରେ ପଡ଼ିଛି। ଯାତ୍ରା ଟେଣ୍ଟ ଓ ମଞ୍ଚ ସମ୍ପୂର୍ଣ୍ଣ ଭୁଶୁଡି ପଡ଼ିଥିବାରୁ ଗୁରୁବାର ଯାତ୍ରା ପରିବେଷଣ ହୋଇପାରିବ ନାହିଁ ବୋଲି ଜଣାପଡିଛି। ବଜାରଙ୍ଗୀ ଯାତ୍ରା ପଡ଼ିଆରେ ଯାଜ୍ଞସେନୀ ଯାତ୍ରା ପାର୍ଟି ବୁଧବାରଠାରୁ ଯାତ୍ରା ପରିବେଷଣ କରୁଛି।

# ଜିଲାରେ ୧୮,୭୨୦ ମାଟ୍ରିକ୍ ପରୀକ୍ଷାର୍ଥୀ

## ସିସିଟିଭି ନଜରରେ ୧୦୭ ପରୀକ୍ଷା କେନ୍ଦ୍ର

କେନ୍ଦ୍ରାପଡ଼ା/ରାଜକନିକା/ଆଳି/ଡେରାବିଶ/ରାଜନଗର, ୨୦।୨ (ଜଗନ୍ନାଥ ଧଳ/ ସଞ୍ଜୟ କୁମାର ଦାଶ/ ବନମାଳୀ ସେନାପତି/ ବେବର୍ତ୍ତା ଅଜୟ ଦାସ/ ଭାସ୍କର ରାଉତରାୟ)

ରାଜ୍ୟରେ ଚଳିତ ଶିକ୍ଷାବର୍ଷର ମାଟ୍ରିକ ପରୀକ୍ଷା ଶୁକ୍ରବାରଠାରୁ ଆରମ୍ଭ ହୋଇ ମାର୍ଚ୍ଚ ୬ ତାରିଖରେ ଶେଷ ହେବ। ଏଥିପାଇଁ କେନ୍ଦ୍ରାପଡ଼ା ଜିଲାରେ ବ୍ୟାପକ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଜିଲାର ୧୦୭ଟି ପରୀକ୍ଷା କେନ୍ଦ୍ର ହେବ ବୋଲି ସ୍ଥିର ହୋଇଛି। ଏଠାରେ ମୋଟ ୧୮,୭୨୦ ଛାତ୍ରୀଛାତ୍ର ପରୀକ୍ଷା ଦେବା ପାଇଁ ଫର୍ମପୂରଣ କରିଛନ୍ତି। ରେଗୁଲାର ଓ ଏକ୍ସ-ରେଗୁଲାର ପରୀକ୍ଷାର୍ଥୀମାନେ ପୂର୍ବବର୍ଷ ପରି ୫ରୁ ୧୦ କି.ମି. ମଧ୍ୟରେ ଥିବା କେନ୍ଦ୍ରରେ ପରୀକ୍ଷା ଦେବାର ବ୍ୟବସ୍ଥା କରାଯାଇଛି। ଏହା ବ୍ୟତୀତ ୪ଟି ପରୀକ୍ଷା କେନ୍ଦ୍ରରେ ମୁକ୍ତ ହାଇସ୍କୁଲର ୧୬୩ ଜଣ ପରୀକ୍ଷାର୍ଥୀ, ୩୧୪ ଜଣ ମଧ୍ୟମା ପରୀକ୍ଷାର୍ଥୀ ଓ ଗୋଟିଏ ମଦ୍ରାସା କେନ୍ଦ୍ରରେ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ୧୦୭ଟି ପରୀକ୍ଷା କେନ୍ଦ୍ର ନିମନ୍ତେ ୮୯୯ ଜଣ ଶିକ୍ଷା ନିରୀକ୍ଷକଙ୍କୁ ନିଯୁକ୍ତି କରାଯିବା ସହିତ ୪୪୯ ଜଣ କର୍ମଚାରୀ ଓ ୨୨୫ ଜଣ ଗିଲିଭରଙ୍କୁ ନିଯୁକ୍ତି ଦିଆଯାଇଛି। ସେହିପରି ୧୦୭ଟି କେନ୍ଦ୍ର ନିମନ୍ତେ ୧୦୭ ଜଣ ସୁପରିଣ୍ଟେଣ୍ଡେଣ୍ଟ ଓ ୧୦୭ ଜଣ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟଙ୍କୁ ମଧ୍ୟ ବିଭିନ୍ନ କେନ୍ଦ୍ର ନିମନ୍ତେ ନିଯୁକ୍ତି ଦିଆଯାଇଛି। କପି ରୋକିବା ନିମନ୍ତେ ୫ ସ୍ତରୀୟ ସ୍କ୍ୱାଡ୍ର ବ୍ୟବସ୍ଥା କରାଯାଇଛି। କଟକ ବୋର୍ଡରୁ ୧ଟି ସ୍କ୍ୱାଡ୍ ଜିଲାକୁ ଆସିବା ବ୍ୟବସ୍ଥା ହୋଇଛି। ଏଥିସହ ବ୍ଲକ ନିମନ୍ତେ ଗୋଟିଏ ସ୍ୱତନ୍ତ୍ର ସ୍କ୍ୱାଡ୍ ରହିବାର ବନ୍ଦୋବସ୍ତ ହୋଇଛି। ଜିଲାର ୯ ବ୍ଲକ ଓ ୨ ପୌରାଞ୍ଚଳରେ ଥିବା ନୋଡାଲ ସେଣ୍ଟରର ପ୍ରଶ୍ନପତ୍ରଗୁଡ଼ିକ ରଖାଯିବ। ଜିଲାର ମାର୍ଶାଘାଇ ବ୍ଲକର ମାର୍ଶାଘାଇ ଉଚ୍ଚ ବିଦ୍ୟାଳୟ, କେନ୍ଦ୍ରାପଡ଼ାର ବାଲିଆ ହାଇସ୍କୁଲ ସହିତ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ, ଗରଦପୁର ବ୍ଲକର ପାଟକୁରା ହାଇସ୍କୁଲ, ପଟ୍ଟାମୁଣ୍ଡାଇ ବ୍ଲକର କଷଣଅଣ୍ଡା ପଞ୍ଚାୟତ ହାଇସ୍କୁଲ, ଆଳି ବ୍ଲକର ଆଳି ହାଇସ୍କୁଲ, ରାଜନଗର ବ୍ଲକର ରାଜନଗର ହାଇସ୍କୁଲ, ମହାକାଳପଡ଼ାର କେୟାରବାଙ୍କ ହାଇସ୍କୁଲ ଓ ରାଜକନିକା ବ୍ଲକର ରାଜେନ୍ଦ୍ର ନାରାୟଣ ଉଚ୍ଚ ବିଦ୍ୟାଳୟକୁ ନୋଡାଲ ସେଣ୍ଟର ଭାବେ ସ୍ଥିର କରାଯାଇଛି। କେନ୍ଦ୍ରାପଡ଼ା ବ୍ଲକ ଅଧୀନ କେନ୍ଦ୍ରାପଡ଼ା ହାଇସ୍କୁଲ ନୋଡାଲ ଅଧୀନରେ ୧୫ଟି ସେଣ୍ଟରରେ ୨,୪୮୦ ଜଣ, ବାଲିଆ ନୋଡାଲ ଅଧୀନରେ ୯ଟି ସେଣ୍ଟରରେ ୧,୬୭୧ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ମାର୍ଶାଘାଇ ସରକାରୀ ହାଇସ୍କୁଲ ନୋଡାଲ ଅଧୀନରେ ୯ଟି ସେଣ୍ଟରରେ ୧,୨୮ ଜଣ, ମହାକାଳପଡ଼ା କେୟାରବାଙ୍କ ନୋଡାଲ ଅଧୀନରେ ୧୭ଟି ସେଣ୍ଟରରେ ୩,୦୪୫, ଆଳି ନୋଡାଲ ୧୩ଟି ସେଣ୍ଟରରେ ୧,୯୨୯, ପଟ୍ଟାମୁଣ୍ଡାଇ ନୋଡାଲ ୧୪ଟି ସେଣ୍ଟରରେ ୨,୭୪୫, ରାଜକନିକା ନୋଡାଲ ୧୧ଟି ସେଣ୍ଟରରେ ୧,୮୬୧, ରାଜନଗର ନୋଡାଲ ୧୩ଟି ସେଣ୍ଟରରେ ୨,୫୬୩ ଜଣ ପରୀକ୍ଷାର୍ଥୀ ଅଛନ୍ତି। ସେହିପରି ଗରଦପୁର ବ୍ଲକ ପାଟକୁରା ହାଇସ୍କୁଲରେ ୬ଟି ସେଣ୍ଟରରେ ୧,୧୩୮ ପରୀକ୍ଷାର୍ଥୀ ପରୀକ୍ଷା ଦେବେ।

୯ ବ୍ଲକରେ ୨ଜଣ ଲେଖାଏ ସୁପରିଣ୍ଟେଣ୍ଡେଣ୍ଟଙ୍କ ତତ୍ତ୍ୱାବଧାନରେ ୯ଟି ନୋଡାଲ୍ ସେଣ୍ଟରର ବ୍ୟବସ୍ଥା କରାଯାଇଛି। ଛାତ୍ରୀଛାତ୍ରଙ୍କ ସୁବିଧା ନିମନ୍ତେ କେନ୍ଦ୍ରଗୁଡ଼ିକର ଦୂରତା ୧୦କି.ମି. ମଧ୍ୟରେ ରହିଛି। ପରୀକ୍ଷା କେନ୍ଦ୍ରକୁ ମୋବାଇଲ ଫୋନ ନିଷିଦ୍ଧ କରାଯିବା ସହ ସିସିଟିଭି ନଜରରେ ପରୀକ୍ଷା ପରିଚାଳିତ ହେବ। ଏହା ସ୍ୱଚ୍ଛତା ଅବଲମ୍ବନରେ ସହାୟକ ହେବ। ଏହାବାଦ୍ ପରୀକ୍ଷା ସେଣ୍ଟରଗୁଡ଼ିକରେ କପି ଓ ପ୍ରଶ୍ନପତ୍ର ଭାଇରାଲ ଆଦି ରୋକିବାକୁ ଚଳିତ ବର୍ଷ ପ୍ରଥମଥର ପାଇଁ ପ୍ରଶ୍ନପତ୍ରରେ କ୍ୟୁଆର କୋଡ ବ୍ୟବସ୍ଥା ସହ ପ୍ରତି ପ୍ରଶ୍ନପତ୍ର ଉପରେ ୱାଟରମାର୍କ ଛାପ ରଖାଯାଇଛି। ଅସାଧୁ ଉପାୟରେ ଯଦି କେହି ପ୍ରଶ୍ନପତ୍ରର ଫଟୋ ଉଠାଇ ମୋବାଇଲରୁ ମୋବାଇଲ୍ ଭାଇରାଲ କରିବାକୁ ଚେଷ୍ଟା କରନ୍ତି ତାହା ସହଜରେ ଜଣାପଡ଼ିବ। ଭାଇରାଲ ପ୍ରଶ୍ନପତ୍ର କେଉଁ ପରୀକ୍ଷାର୍ଥୀଙ୍କ, କେଉଁ ସେଣ୍ଟରରୁ ଭାଇରାଲ ହୋଇଛି ତାହା ୱାଟରମାର୍କରୁ ଅତି ସହଜ ଉପାୟରେ ଜଣାପଡ଼ିବ। ଏହାଦ୍ୱାରା ସମ୍ପୃକ୍ତ ପରୀକ୍ଷାର୍ଥୀ, ପରୀକ୍ଷା ନିରୀକ୍ଷକ ଓ ଅଧୀକ୍ଷକଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବୋର୍ଡ କର୍ତ୍ତୃପକ୍ଷ ଆଗୁଆ ସୂଚନା ସାର୍ବଜନୀନ କରିଛନ୍ତି ବୋଲି ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି।

# ଶ୍ରୀଅଭିରାମ ପରମହଂସ ଦେବଙ୍କ ସନାତନ ଧର୍ମ ସମ୍ମିଳନୀ

## ଠାକୁରଙ୍କ ସୁସଜ୍ଜିତ ରଥକୁ ପାଛୋଟି ନେଲେ ଶ୍ରଦ୍ଧାଳୁ

ରାଜନଗର, ୨୦।୨(ଭାସ୍କର ରାଉତରାୟ)

ରାଜନଗର ବ୍ଲକ୍ ମହୁଲିଆଠାରେ ଗୁରୁବାରଠାରୁ ସନାତନ ଧର୍ମ ସମ୍ମିଳନୀ ଓ ଭକ୍ତ ମିଳନ ଉତ୍ସବ ଆରମ୍ଭ ହୋଇଛି। ଶାନ୍ତି ଆନନ୍ଦାଶ୍ରମ, କରମଳାର ଭଗବଦ ଗୋଷ୍ଠୀ ଓ ମହୁଲିଆ ପଞ୍ଚାୟତବାସୀଙ୍କ ମିଳିତ ଆନୁକୂଲ୍ୟରେ ଏହି ସନାତନ ଧର୍ମ ସମ୍ମିଳନୀ ଆରମ୍ଭ ହୋଇଛି। ଏହି ସମ୍ମିଳନୀ ପାଇଁ ସକାଳ ୮ଟାରେ ରାଜନଗର ତହସିଲ କଲୋନିସ୍ଥିତ ଆଶ୍ରମଠାରୁ ଶ୍ରୀଠାକୁର ଅଭିରାମ ପରମହଂସ ଦେବଙ୍କୁ ଶୋଭାଯାତ୍ରାରେ ସମ୍ମିଳନୀ ମଣ୍ଡପ ଯାଏଁ ପାଛୋଟି ନିଆଯାଇଛି। ରାଜନଗର ଆଶ୍ରମରୁ ବାହାରିଥିବା ଠାକୁରଙ୍କ ଶୋଭାଯାତ୍ରା ରାଜନଗର ବଜାର ଓ ଗାଁ ପରିକ୍ରମା କରିଥିଲା। ପରେ ମହିଷାସୁର, କୁରୁଣ୍ଟି, ହାତିନା, ଡେରା, ଗୁପ୍ତି ପଞ୍ଚାୟତ ପରିକ୍ରମା କରି ମହୁଲିଆ ପଞ୍ଚାୟତର ଗାଁ ପରିକ୍ରମା କରି ସମ୍ମିଳନୀସ୍ଥଳରେ ପହଞ୍ଚିଥିଲା। ବାବାଜୀ ହରେକୃଷ୍ଣ ଦାସମହାରାଜ, ବାବାଜୀ ବନବିହାରୀ ଦାସଙ୍କ ତତ୍ତ୍ୱାଧାନରେ ଠାକୁରଙ୍କ ଶୋଭାଯାତ୍ରା ଅନୁଷ୍ଠିତ


ଅଭିରାମ ପରମହଂସଙ୍କ ଫଟୋକୁ ଶୋଭାଯାତ୍ରାରେ ନିଆଯାଉଛି।

ହୋଇଥିଲା। ବାଟସାରା ଠାକୁରଙ୍କୁ ଶ୍ରଦ୍ଧାଳୁ ପୂଜାର୍ଚ୍ଚନା କରିଥିଲେ। ସମ୍ମିଳନୀ ସ୍ଥଳରେ ଶ୍ରୀଠାକୁରଙ୍କୁ ପ୍ରତିଷ୍ଠା କରାଯାଇ ପୂଜାର୍ଚ୍ଚନା କରାଯାଉଛି। ଶାନ୍ତି ଧାନ କରମଳାର ବାବାଜୀ ହରେକୃଷ୍ଣ ଦାସ ଧର୍ମ ସମ୍ମିଳନୀକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ପରେ ସନ୍ଧ୍ୟାରେ ଠାକୁରଙ୍କ ଷୋଡ଼ଶ ଉପଚାର ପୂଜା ଓ ସନ୍ଧ୍ୟା ଆରତି କରାଯାଇଛି । ପ୍ରଥମଦିନ ସନ୍ଧ୍ୟାରେ ବାବାଜୀ ସଦାନନ୍ଦ ଦାସମହାରାଜଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଧର୍ମସଭା ଆରମ୍ଭ ହୋଇଛି। ମହୁଲିଆ ପଞ୍ଚାୟତ ଭକ୍ତ ସମିତିର ସଭାପତି ବିଶ୍ୱନାଥ ରାଉତ, ସମ୍ପାଦକ ବୈକୁଣ୍ଠ ନାଥ ଦାସ, ସରପଞ୍ଚ ମଞ୍ଜୁଳା ଦାସ, ସମିତି ସଭ୍ୟ ସଞ୍ଜୟ କୁମାର ସ୍ୱାଇଁ, ଗଙ୍ଗାଧର ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅଗ୍ନି ସଚେତନତା

ଆଳି,୨୦।୨ (ବନମାଳୀ ସେନାପତି )

ଆଳି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଗୁରୁବାର ଅଗ୍ନି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଳି ଅଗ୍ନିଶମ ବାହିନୀର ଅଧିକାରୀ ବିଭୂତି ଭୂଷଣ ନାୟକ ପିଲାମାନଙ୍କୁ ନିଆଁ କେଉଁ କାରଣରୁ ଲାଗିଥାଏ ଓ ତାକୁ କିପରି ନିୟନ୍ତ୍ରଣ କରାଯାଇପାରିବ ସେ ସମ୍ବନ୍ଧରେ ମାର୍ଗଦର୍ଶନ କରିଥିଲେ। କୌଣସି ଆକସ୍ମିକ କାରଣରୁ ନିଆଁ ଲାଗିଲେ ଧନଜୀବନକୁ କିପରି ସୁରକ୍ଷା କରିହେବ ସେ ସମ୍ପର୍କରେ ସଚେତନ କରିଥିଲେ। ନିଆଁ, ଲାଗିଥିବା ସମୟରେ କ'ଣ ସତର୍କତା ଅବଲମ୍ବନ କରିବେ ସେ ସମ୍ପର୍କରେ ଜଣାଇଥିଲେ। ଘରେ ବ୍ୟବହାର ହେଉଥିବା ଏଲପିଜି ସିଲିଣ୍ଡର ସମ୍ପର୍କରେ ତଥ୍ୟ ରଖିଥିଲେ। ଅଗ୍ନିଶମ ବାହିନୀର କର୍ମକର୍ତ୍ତା ଅସୀତ କର, ଡମ୍ବରୁଧର ସେଠୀ, ରମାକାନ୍ତ ସାମଲ, ବିଭୂତି ଦାସ ପ୍ରମୁଖ ବିଭିନ୍ନ ପଦାର୍ଥରେ ଲାଗିଥିବା ନିଆଁକୁ କିପରି ଆୟତ୍ତ ଓ ନିୟନ୍ତ୍ରଣ କରାଯାଇପାରିବ ତା'ର ନମୁନା ପ୍ରଦର୍ଶନ କରିଥିଲେ। ଅନୁଷ୍ଠାନର ସମ୍ପାଦକ ସୁଶାନ୍ତ କୁମାର ଦାଶ, ସଭାପତି ବନମାଳୀ ସେନାପତି, ସହସମ୍ପାଦକ ରଞ୍ଜନ ପାତ୍ର, ପ୍ରଧାନ ଆଚାର୍ଯ୍ୟା ଜାନକୀ ଦାସ ଓ ସମସ୍ତ ଗୁରୁମାଗୁରୁଜୀ ଉପସ୍ଥିତ ରହି ସହଯୋଗ ପ୍ରଦାନ କରିଥିଲେ।


ଅଗ୍ନିଶମ ବିଭାଗ ପକ୍ଷରୁ ବିଦ୍ୟାମନ୍ଦିର ପିଲାଙ୍କୁ ସଚେତନତା କରାଯାଉଛି।

# ତେଣ୍ଡାକୁଡ଼ାରେ ଶ୍ରୀରାଧାମୋହନ ଜୀଉଙ୍କ ମନ୍ଦିର ପ୍ରତିଷ୍ଠା


ପାଇକା ନଦୀର ଜଳ ଆଣି ଶ୍ରଦ୍ଧାଳୁ କଳସ ଶୋଭାଯାତ୍ରାରେ ଆସୁଛନ୍ତି।

ପାଟକୁରା, ୨୦।୨ (ରବୀନ୍ଦ୍ର ନାଥ ବାରିକ)

ଗରଦପୁର ବ୍ଲକ୍ ଅନ୍ତର୍ଗତ ତେଣ୍ଡାକୁଡ଼ାଠାରେ ଦୀର୍ଘ ବର୍ଷ ହେଲା ପୂଜା ପାଉଥିବା ଶ୍ରୀ ଶ୍ରୀରାଧାମୋହନ ଜୀଉଙ୍କ ନବନିର୍ମିତ ମନ୍ଦିର ପ୍ରତିଷ୍ଠା, ଶ୍ରୀଜୀଉଙ୍କ ମନ୍ଦିର ପ୍ରବେଶ ତଥା ଦଶାବତାର, ଶ୍ରୀଗଣେଶ ଓ ପାର୍ଶ୍ୱ ଦେବତା ବିଗ୍ରହ ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଛି। ଏହି ଉପଲକ୍ଷେ ବୁଧବାର ଅଙ୍କୁରାରୋପଣ ହୋଇଥିଲା। ଶ୍ରୀ ଶ୍ରୀରାଧାମୋହନ ଜୀଉ ସେବା ସମିତି ଓ ଗ୍ରାମବାସୀଙ୍କ ସହଯୋଗରେ ଅନୁଷ୍ଠିତ ହେଉଥିବା ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅବସରରେ ଗୁରୁବାର ସକାଳେ ନିକଟସ୍ଥ ସାଇଫନ୍ ଛକ ପାଇକା ନଦୀରେ କଳସ ପୂଜା କରାଯିବା ପରେ ମହିଳାପୁରୁଷ ଏକ ଶୋଭାଯାତ୍ରାରେ ଯାଇ ଯଜ୍ଞ ମଣ୍ଡପରେ କଳସ ସ୍ଥାପନ କରିଥିଲେ। ପରେ ଯାଜ୍ଞିକ ବ୍ରାହ୍ମଣମାନଙ୍କ ଦ୍ୱାରା ସୂର୍ଯ୍ୟପୂଜା ଓ ଘୃତ ଯଜ୍ଞ ଆରମ୍ଭ ହୋଇଛି। ପ୍ରଦୀପ କୁମାର ମହାନ୍ତି ଓ ଆଶାଶ୍ରୀ ମହାନ୍ତି କର୍ତ୍ତାକର୍ତ୍ତ୍ରୀ କାର୍ଯ୍ୟ ତୁଲାଉଥିବାବେଳେ ଆଶୁତୋଷ ପଣ୍ଡା ଓ ସତ୍ୟପ୍ରିୟ ଦାଶଙ୍କ ସହଯୋଗରେ ବ୍ରାହ୍ମଣ ପଣ୍ଡିତମାନେ ନୂତନ ମନ୍ଦିର ପ୍ରତିଷ୍ଠା, ଶ୍ରୀଜୀଉଙ୍କ ମନ୍ଦିର ପ୍ରବେଶ ଅନ୍ୟ ଦେବତା ବିଗ୍ରହ ପ୍ରତିଷ୍ଠା, ଘୃତଯଜ୍ଞ କାର୍ଯ୍ୟ ସମ୍ପନ୍ନ କରୁଛନ୍ତି। ଶୁକ୍ରବାର ପୂର୍ବାହ୍ଣରେ ଯଜ୍ଞର ପୂର୍ଣ୍ଣାହୁତି, ଶ୍ରୀ ବିଗ୍ରହଙ୍କ ମନ୍ଦିର ପ୍ରବେଶ ଓ ଦିବ୍ୟ ଦର୍ଶନ କାର୍ଯ୍ୟକ୍ରମ ରହିଥିବା ଶ୍ରୀ ଶ୍ରୀରାଧାମୋହନ ଜୀଉ ସେବା ସମିତି ପକ୍ଷରୁ ସୂଚନା ଦିଆଯାଇଛି।

# ପଟ୍ଟାମୁଣ୍ଡାଇ ନିର୍ବାଚନମଣ୍ଡଳୀ, ଉପଖଣ୍ଡ, ରାଜନଗର ଏନ୍‌ଏସି ପାଇଁ ହେବ ଲଢ଼େଇ

## ପଟ୍ଟାମୁଣ୍ଡାଇ-ରାଜନଗର ବିକାଶ ପରିଷଦ ପୁନର୍ଗଠିତ

ପଟ୍ଟାମୁଣ୍ଡାଇ, ୨୦।୨ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ଓ ରାଜନଗରବାସୀଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ସମର୍ପିତ ଗଣ ସଙ୍ଗଠନ ପଟ୍ଟାମୁଣ୍ଡାଇ-ରାଜନଗର ବିକାଶ ପରିଷଦର ପୁନର୍ଗଠନ କରାଯାଇ ପଟ୍ଟାମୁଣ୍ଡାଇରେ ସବ୍‌ଡିଭିଜନ ଓ ରାଜନଗର ଏନ୍‌ଏସି ଘୋଷଣା କରିବା ଦାବି ହାସଲ ପାଇଁ ବ୍ୟାପକ ଗଣଆନ୍ଦୋଳନ କ୍ଷେତ୍ର ପ୍ରସ୍ତୁତ କରାଯାଇଛି। ବିଭିନ୍ନବର୍ଗର ପ୍ରତିଷ୍ଠିତ ଲୋକମାନଙ୍କୁ ନେଇ ଗଣ ପରିଷଦ ପୁନର୍ଗଠନ କରାଯାଇଛି। ବରିଷ୍ଠ ରାଜନେତା ବିଜୟ କେତନ ସ୍ୱାଇଁ ମୁଖ୍ୟ ଉପଦେଷ୍ଟା, ପଟ୍ଟାମୁଣ୍ଡାଇ କଲେଜ ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଦେବବ୍ରତ ପ୍ରଧାନ, ମଦନପୁର କଲେଜ ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଉମେଶ ଚନ୍ଦ୍ର ପରିଡ଼ା ଓ ଡା. ମନୋରଞ୍ଜନ ଦାଶଙ୍କୁ ଉପଦେଷ୍ଟାମଣ୍ଡଳୀ ସଦସ୍ୟ ଭାବେ ମନୋନୟନ କରାଯାଇଛି। ଆବାହକ ଆଇନଜୀବୀ ରାମକୃଷ୍ଣ ଦାଶ, ସଂଯୋଜକ ଆଇନଜୀବୀ ଦେବବ୍ରତ ସ୍ୱାଇଁ, ରାଜନଗର ବ୍ଲକ ଉପଦେଷ୍ଟା ଡ. ଧରଣୀଧର ରାଉତ, ଶିକ୍ଷାବିତ୍ ସୀତାକାନ୍ତ ରାଉଳ ଓ ବ୍ରହ୍ମାନନ୍ଦ ରାଉତ, ଆଇନ ପରାମର୍ଶଦାତା ଆଇନଜୀବୀ ରମଣୀ ରଞ୍ଜନ ସାମଲ, ପଟ୍ଟାମୁଣ୍ଡାଇ ବ୍ଲକ ସଭାପତି ଆଇନଜୀବୀ ଧୀରେନ୍ଦ୍ର ନାଥ ସାହୁ, କାର୍ଯ୍ୟକାରୀ ସଭାପତି ସମିତି ସଭ୍ୟ ବିଶ୍ୱରଞ୍ଜନ ଭୂୟାଁ ଓ ସମିତି ସଭ୍ୟ ଅଭୟ ସ୍ୱାଇଁ, ପଟ୍ଟାମୁଣ୍ଡାଇ ପୌର ପରିଷଦ ସଭାପତି ଆଇନଜୀବୀ ପ୍ରକାଶ ପାତ୍ର ଓ କାର୍ଯ୍ୟକାରୀ ସଭାପତି ଆଇନଜୀବୀ ମନୋଜ ନାୟକ, ରାଜନଗର ବ୍ଲକ ସଭାପତି ଆଇନଜୀବୀ ସୁଶାନ୍ତ କୁମାର ଜେନା କାର୍ଯ୍ୟକାରୀ ସଭାପତି ବିଶ୍ୱନାଥ ବାରିକ, ସାଧାରଣ ସମ୍ପାଦକ ଭାବେ ସୁଶୀଲ କୁମାର ପ୍ରଧାନଙ୍କୁ ମନୋନୀତ କରାଯାଇଛି। ପଟ୍ଟାମୁଣ୍ଡାଇ, ରାଜନଗରବାସୀଙ୍କ ସ୍ୱାର୍ଥ ଓ ସ୍ୱାଭିମାନର ସୁରକ୍ଷା ପାଇଁ ବ୍ୟାପକ କ୍ଷେତ୍ର ପ୍ରସ୍ତୁତ ନିମନ୍ତେ ପଦକ୍ଷେପ ନିଆଯାଇଛି।

# ସ୍ତ୍ରୀ ଛୁରାମାଡ଼ରେ ସ୍ୱାମୀ ଗୁରୁତର

ରାଜକନିକା,୨୦।୨ (ସଞ୍ଜୟ କୁମାର ଦାଶ)

ରାଜକନିକା ଥାନା ଅନ୍ତର୍ଗତ ବଳରାମପୁର ଗାଁରେ ଘଟିଛି ଏକ ଅଭାବନୀୟ ଘଟଣା। ଘଟଣାକୁ ନେଇ ସାରା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଖାଇବାକୁ ନେଇ ସ୍ତ୍ରୀ ସ୍ୱାମୀଙ୍କ ମଧ୍ୟରେ ବଚସା ହୋଇଥିଲା। ସ୍ତ୍ରୀ ସୀତା ବିହାରୀ(୪୦) ଛୁରା ମାଡ଼ରେ ସ୍ୱାମୀ ବିଶ୍ୱମ୍ଭର ବିହାରୀ(୪୭) ଗୁରୁତର ଆହତ ହୋଇଛନ୍ତି। ସ୍ୱାମୀ ବିଶ୍ୱମ୍ଭର ସ୍ତ୍ରୀ ବିରୋଧରେ ଥାନାରେ ଅଭିଯୋଗ କରିଛନ୍ତି। ଏତଲାକୁ ଆଧାର କରି ପୋଲିସ ନଂ. ୯୭/୨୫ରେ ମାମଲା ରୁଜୁ କରି ଘଟଣାର ଅଧିକ ଚଳାଇଛି। ଏତଲା ଅନୁଯାୟୀ ସ୍ୱାମୀ ବିଶ୍ୱମ୍ଭର କାମରୁ ଘରକୁ ଫେରି ଖାଇବାକୁ ସ୍ତ୍ରୀଙ୍କୁ ମାଗିଥିଲେ। ସ୍ତ୍ରୀ ସୀତା ଭାତ ସହିତ ବାଇଗଣ ଭର୍ତ୍ତା ଖାଇବାକୁ ଦେଇଥିଲେ। ଆଉ କିଛି ତରକାରୀ ହୋଇନାହିଁ ବୋଲି କହିଥିଲେ। ହେଲେ ଏହି ଖାଇବାକୁ ନେଇ ସ୍ତ୍ରୀ ସ୍ୱାମୀଙ୍କ ମଧ୍ୟରେ ପ୍ରଥମେ ବଚସା ହୋଇଥିଲା। ପରେ ସ୍ତ୍ରୀ ଉତ୍ତେଜିତ ହୋଇ ଏକ ଛୁରିରେ ଆକ୍ରମଣ କରିଥିଲା। ସ୍ୱାମୀ ପଡ଼ିଯିବା ପରେ ଆଉ ଏକ ଧାରୁଆ ଛୁରିରେ ବିଶ୍ୱମ୍ଭରଙ୍କ ଛାତି, ପେଟକୁ ଆକ୍ରମଣ କରି ଜୀବନରୁ ମାରିଦେବାକୁ ଧମକ ଦେଇଥିବା ସେ ଏତଲାରେ ଦର୍ଶାଇଛନ୍ତି। ସ୍ୱାମୀ ଆହତ ହୋଇ ଚିତ୍କାର କରିବାରେ ପଡୋଶୀ ତାଙ୍କୁ ଉଦ୍ଧାର କରିଥିଲେ। ବିଶ୍ୱମ୍ଭରଙ୍କ ଛାତି, ପେଟ ଓ କାନ ପାଖରେ ଆଘାତ ଲାଗିଛି। ସେ ଗୁରୁତର ଅବସ୍ଥାରେ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇଥିଲେ।

# ପିକ୍‌ଅପ୍ ଭ୍ୟାନ୍ ଧକ୍କାରେ ମୃତ୍ୟୁ ଘଟଣା: ହାଇୱା ଚାଳକ ଗିରଫ

କୁଜଙ୍ଗ,୨୦।୨(ମନୋଜ ପ୍ରଧାନ)

କୁଜଙ୍ଗ ଥାନା ଅନ୍ତର୍ଗତ କଟକ-ପାରାଦୀପ ରାଜ୍ୟ ରାଜପଥର କୁଜଙ୍ଗ କୃଷି ଫାର୍ମ ନିକଟରେ ସୋମବାର ବିଳମ୍ବିତ ରାତିରେ ଏକ ମଦ ବୋଝେଇ ପିକ୍‌ଅପ୍ ଭ୍ୟାନ୍‌କୁ ବାଲି ବୋଝେଇ ହାଇୱା ପଛରୁ ଧକ୍କା ଦେଇ ଖସିଯାଇଥିଲା। ଫଳରେ ପିକ୍‌ଅପ୍ ଭ୍ୟାନ୍‌ଟି ତାଳଦଣ୍ଡା କେନାଲକୁ ଓଲଟି ପଡ଼ିବାରୁ ଘଟଣାସ୍ଥଳରେ ହେଲ୍‌ପର ସୁବାସ ସାମଲଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ଫେରାର ଥିବା ଚାଳକଙ୍କୁ ଗୁରୁବାର ଗିରଫ କରାଯାଇ କୋର୍ଟ ଚାଲଣ କରାଯାଇଛି। ଏଥିସହ କଟକରୁ ଉକ୍ତ ପିକଅପ୍‌ଭ୍ୟାନକୁ ଜବତ କରାଯାଇଛି। ଅଭିଯୁକ୍ତ ହେଲେ ପାରାଦୀପ ଲକ ଥାନା ଅନ୍ତର୍ଗତ ଅଠରବାଙ୍କୀ ଲକପଡ଼ାରେ ରହୁଥିବା ପଶ୍ଚିମବଙ୍ଗର ଉତ୍ତମ ସିକଦର୍ ବୋଲି ସବ୍‌ଇନ୍ସପେକ୍ଟର ଅନିଲ କୁମାର ସାହୁ କହିଛନ୍ତି।

# ଦିବାରାତ୍ର ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

କେନ୍ଦ୍ରାପଡ଼ା, ୨୦।୨ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ସହରର ଫକିରାବାଦସ୍ଥ ଆଜାଦ୍ କ୍ଲବ ପକ୍ଷରୁ ଦିବାରାତ୍ର ଫୁଟ୍‌ବଲ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚରେ କେନ୍ଦ୍ରାପଡ଼ାର ଚାନ୍ଦ କ୍ଲବ ଓ ସମ୍ବଲପୁର କୁଚିଣ୍ଡାର ବ୍ରଦର ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଚାନ୍ଦ କ୍ଲବ ୨-୧ ଗୋଲରେ ବିଜୟୀ ହୋଇଛି। ସେହିପରି ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ କଟକର ତାର୍ଜନ କ୍ଲବ ଓ କେନ୍ଦ୍ରାପଡ଼ାର ଏସ୍‌ଆର୍‌ଏଫ୍‌ସିକୁ ଭେଟିଛି। ଏହି ଉପଲକ୍ଷେ ଆୟୋଜକ କ୍ଲବ ସଭାପତି ହିବଜୁର ରହେମାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ପୌରାଧ୍ୟକ୍ଷା ସରିତା ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏଥିସହ ସମ୍ମାନିତ ଅତିଥି ଭାବେ ଡା. ସମି ସଲିମ, ଉପାଧ୍ୟକ୍ଷା ଆକବରୀ ଖାତୁନ, ଟାଉନ ଥାନା ଅଧିକାରୀ ଦିଲୀପ କୁମାର ସାହୁ ଯୋଗଦେଇଥିଲେ। ଅତିଥିମାନେ ସାମ୍ପ୍ରତିକ ସମୟରେ ଖେଳର ଆବଶ୍ୟକତା ସମ୍ପର୍କରେ ମତ ରଖିଥିଲେ। ସମ୍ପାଦକ ସେକ ଲିୟାକତ ଅଲ୍ଲୀ, ଉପସଭାପତି ମୀର ବକ୍କାଉଲ୍ଲା ସଭା ପରିଚାଳନା କରିଥିଲେ। ସେକ ସଇଫୁଲ୍ଲା, ସେକ ସିରହାନ ଅଲ୍ଲୀ, ସୟଦ ଅବଦୁଲ ସତାରଙ୍କ ସମେତ କ୍ଲବ ସଦସ୍ୟମାନେ ଏହି ଟୁର୍ନାମେଣ୍ଟ ପରିଚାଳନା କରିଥିଲେ।


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

# ମଣ୍ଡଳସ୍ତରୀୟ ନିପୁଣ ଓଡ଼ିଶା ମେଳା

ରାଜନଗର, ୨୦।୨(ଭାସ୍କର ରାଉତରାୟ)

ରାଜନଗର ବ୍ଲକ୍ ସଦର ମହକୁମାସ୍ଥିତ ଶୈଳେନ୍ଦ୍ର ନାରାୟଣ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ମଣ୍ଡଳସ୍ତରୀୟ ନିପୁଣ ଓଡ଼ିଶା ମେଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଶିକ୍ଷାଧିକାରୀ ମନୋରଞ୍ଜନ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିବା ସହ ନିପୁଣ ଓଡ଼ିଶା ମେଳାର ଆଭିମୁଖ୍ୟ ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଗଣିତ, ଭାଷାଜ୍ଞାନର ଦକ୍ଷତା ବୃଦ୍ଧି ନିମନ୍ତେ ରାଜ୍ୟ ସରକାରଙ୍କ ଏହା ଏକ ଅଭିନବ କାର୍ଯ୍ୟକ୍ରମ ବୋଲି କହିଥିଲେ। ସିଆର୍‌ସିସି ମଧୁସୂଦନ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ଖବରଦାତା ଭାସ୍କର ରାଉତରାୟ, ଅତିରିକ୍ତ ବ୍ଲକ୍ ଶିକ୍ଷାଧିକାରୀ ଶିବ ପ୍ରସାଦ ବେହେରା, ଚିତ୍ତରଞ୍ଜନ ଜେନା, ବିଆର୍‌ସିସି ଭକ୍ତିଲତା ବାରିକ, ସମିତି ସଭ୍ୟା ସୁମିତ୍ରା ସେଠୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ଅଭିଭାବକ, ଶିକ୍ଷାଦାନ କରୁଥିବା ଶିକ୍ଷକ ନିପୁଣତାର ମାର୍ଗଦର୍ଶୀ ହେବାକୁ ପରାମର୍ଶ ଦେଇଥିଲେ। ସିଆର୍‌ସିସି ଚନ୍ଦ୍ରକାନ୍ତ ରାଉତ ମେଳାର ଉଦ୍ଦେଶ୍ୟ ଉପରେ ସୂଚନା ଦେଇଥିଲେ। ଏହି ମେଳାରେ ୧୮ଟି କ୍ଲଷ୍ଟରରୁ ୨୦ଟି ଷ୍ଟଲ ଖୋଲାଯାଇ ଛାତ୍ରୀଛାତ୍ରଙ୍କ ଦକ୍ଷତା ବୃଦ୍ଧି ତାଲିମ ଦିଆଯାଇଥିଲା। ପ୍ରତ୍ୟେକ କ୍ଲଷ୍ଟରରୁ ୧୦ଜଣ ଲେଖାଏ ଛାତ୍ରୀଛାତ୍ର ମେଳାରେ ଅଂଶଗ୍ରହଣ କରିଥିଲେ। ପ୍ରତ୍ୟେକ କ୍ଲଷ୍ଟରରୁ ଜଣେ ଜଣେ ସୁଦକ୍ଷ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନିପୁଣ ଓଡ଼ିଶା ମେଳାର ମୁଖବନ୍ଧକୁ ଛାତ୍ରୀଛାତ୍ର, ଶିକ୍ଷକ, ଅଭିଭାବକମାନଙ୍କୁ ଶପଥ ପାଠ କରାଯାଇଥିଲା। ଉଦ୍‌ଯାପନ ଉତ୍ସବରେ ସିଆର୍‌ସିସି ସାହୁଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋପୀନାଥ ଲେଙ୍କା, ପରିଚାଳନା କମିଟିର ସଭାପତି ସୋମନାଥ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ସେଠୀ ଧନ୍ୟବାଦ ଦେଇଥିଲେ।



ମେଳାରେ ମଞ୍ଚାସୀନ ଅତିଥି।

# ବାଲି ଖାଦାନ ପାଇଁ ପଟ୍ଟାମୁଣ୍ଡାଇ ଅଶାନ୍ତ, ଜଣେ ଗିରଫ

କେନ୍ଦ୍ରାପଡ଼ା, ୨୦।୨ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଥାନା ଅଧୀନ ବ୍ରାହ୍ମଣୀ ନଦୀ ପଠା ଚନ୍ଦନପୁର ଘାଟରୁ ବାଲି ଉଠାଣକୁ ନେଇ ସ୍ଥାନୀୟ ଅଞ୍ଚଳ ଅଶାନ୍ତ ହୋଇଛି। ଦୀର୍ଘଦିନ ଧରି ୨ ଗୋଷ୍ଠୀ ମଧ୍ୟରେ ବିବାଦ ଚାଲିଛି। ବିବାଦ ମଧ୍ୟରେ ପୋଖରିଆପଡ଼ା ଗାଁର ବିଶ୍ୱଜିତ ମଲିକ ଥାନାରେ ଏତଲା କରିଥିଲେ। ଏନେଇ ପୋଲିସ ନଂ. ୪୬/୨୫ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଉଥିଲା। ଏହି ଘଟଣାରେ ଗୁରୁବାର ଜଣଙ୍କୁ ପୋଲିସ ଗିରଫ କରିଛି। ଗିରଫ ବ୍ୟକ୍ତି ହେଲେ ଚାହାପଡ଼ା ଗ୍ରାମର ଶୁଭକାନ୍ତ ନାୟକ। ତାଙ୍କ ନାମରେ ସର୍ବସାଧାରଣ ସ୍ଥାନରେ ଖଣ୍ଡା ବୁଲାଇ ଆତଙ୍କ ସୃଷ୍ଟି କରୁଥିବା ମାମଲା ରୁଜୁ ହୋଇଛି। ସ୍ଥାନୀୟ ଅଞ୍ଚଳବାସୀଙ୍କ ମତ ଅନୁଯାୟୀ, ବାଲିଖାଦାନକୁ ନେଇ ୨ଗୋଷ୍ଠୀଙ୍କ ମଧ୍ୟରେ ହୋଇଥିବା ମାମଲାଗୁଡିକରେ ଥାନା ପୋଲିସ ନିରପେକ୍ଷତା ଅବଲମ୍ବନ କରୁନାହିଁ। ମାମଲାକୁ କ୍ରାଇମବ୍ରାଞ୍ଚ ଦ୍ୱାରା ତଦନ୍ତ କରାଗଲେ ବେଆଇନ କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କ ପ୍ରାଦୁର୍ଭାବ କମିବା ସହ ସ୍ଥାନୀୟ ଅଞ୍ଚଳରେ ଶାନ୍ତି ଫେରିଆସନ୍ତା। ସେମାନଙ୍କ କହିବା ଅନୁଯାୟୀ, ଦୀର୍ଘବର୍ଷ ହେବ ବ୍ରାହ୍ମଣୀ ନଦୀ ପଠାରୁ ପ୍ରଶାସନର ଦୃଷ୍ଟିଆଢୁଆଳରେ ବେଆଇନ ଭାବେ ବାଲି ଉତ୍ତୋଳନ ହେଉଛି। ବାଲି ଉତ୍ତୋଳନର ଲାଭକୁ ନେଇ ୨ ଗୋଷ୍ଠୀଙ୍କ ମଧ୍ୟରେ ବାଦ ବିବାଦ ଲାଗିରହିଛି। ଚଳିତ ମାସ ୫ ତାରିଖ ଅପରାହ୍ଣରେ କେତେଜଣ ଯୁବକ ବ୍ରାହ୍ମଣୀ ନଦୀ ଚନ୍ଦନପୁର ଘାଟରେ ପହଞ୍ଚି ବାଲି ଉତ୍ତୋଳନ ଅନୁମତି ପତ୍ରର ତନଖି ଦାବି କରିଥିଲେ। ଏହାକୁ ନେଇ ବାଲି ଉତ୍ତୋଳନକାରୀ ଓ ଯୁବକଙ୍କ ମଧ୍ୟରେ ହାତାହାତି ହୋଇଥିଲା। ଏଥିରେ କାଗଜ ତନଖି ଦାବି କରୁଥିବା ୩ ଜଣ ଅପରଗୋଷ୍ଠୀର ଆକ୍ରମଣର ଶିକାର ହୋଇ ଗୁରୁତର ହୋଇଥିଲେ। ସେମାନଙ୍କୁ ପୋଲିସ ଉଦ୍ଧାର କରିଥିଲା। ଏ ନେଇ ଶୁଭକାନ୍ତଙ୍କ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଅଭିଯୋଗକୁ ଭିତ୍ତି କରି ନଂ.୩୯/୨୫ରେ ମାମଲା ରୁଜୁ ହୋଇଥିଲା। ତେବେ ସାଧାରଣରେ ବାଲି ଉତ୍ତୋଳନ ଗଣ୍ଡଗୋଳ ଚର୍ଚ୍ଚା ହେଉଥିବା ବେଳେ ଶୁଭକାନ୍ତ ଗାଡ଼ି ସାଇଡ ମରା ଦେଖାଇ ଅଭିଯୋଗ କରିଥିଲେ। ଯାହା ଫଳରେ ଥାନା ପୋଲିସ ଏହି ମାମଲାରେ ଚଉଦକୁଲାଟ ତମାଳଶାସନ ଗ୍ରାମର ଫୁଲବାବୁ ଖାନ୍‌ଙ୍କୁ ଗିରଫ କରିଥିଲା। ପରେ କେତେଜଣ ଯୁବକ ଶୁଭକାନ୍ତଙ୍କ ପଟ୍ଟାମୁଣ୍ଡାଇସ୍ଥ ଦୋକାନକୁ ଯାଇ କର୍ମଚାରୀଙ୍କୁ ମାରଣାସ୍ତ୍ର ଦେଖାଇ ଧମକ ଦେଇଥିଲେ। ଏହାର ପ୍ରତିବାଦରେ ଶୁଭକାନ୍ତ ଓ ତାଙ୍କର କେତେଜଣ ସହଯୋଗୀ ବାଇକ୍‌ରେ ବସି ହାତରେ ଖଣ୍ଡା ଧରି ବଜାରରେ ବୁଲିବା ଦେଖା ଯାଇଥିଲା। ଯାହା ସିସିଟିଭିରେ କଏଦ ହେବା ସହ ଭାଇରାଲ ହୋଇଥିଲା। ଯାହାକୁ ନେଇ ପୋଖରିଆପଡ଼ା ଗ୍ରାମର ବିଶ୍ୱଜିତ ଥାନାରେ ଅଭିଯୋଗ କରିଥିଲେ। ବାଲିଖାଦାନ ପାଇଁ ଏହି ଅଞ୍ଚଳରେ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇଥିବାବେଳେ ସ୍ଥାନୀୟ ପୋଲିସର ନୀରବତା ଅଞ୍ଚଳବାସୀଙ୍କ ମୁଣ୍ଡବିନ୍ଧାର କାରଣ ପାଲଟିଛି। ଜିଲା ପ୍ରଶାସନ ପକ୍ଷରୁ ଏହି ବାଲି ଖାଦାନ ମାମଲାକୁ କ୍ରାଇମବ୍ରାଞ୍ଚ ଦ୍ୱାରା ତଦନ୍ତ କରାଇ ପରିବେଶକୁ ଶାନ୍ତ କରାନ୍ତୁ ବୋଲି ସେମାନେ ନିବେଦନ କରିଛନ୍ତି।

**ସଂକ୍ଷେପରେ**

## ନୂତନ ବିଡିଓଙ୍କ ଯୋଗଦାନ



ପୁରୁଷୋତ୍ତମପୁର,୨୦।୨ (ସୀମାଞ୍ଚଳ ମିଶ୍ର)

ପୁରୁଷୋତ୍ତମପୁରରେ ନୂତନ ବିଡିଓ ଭାବେ ଶରତ କୁମାର ପାତ୍ର କାର୍ଯ୍ୟରେ ଯୋଗଦେଇ ଦାୟିତ୍ୱ ଗ୍ରହଣ କରିଛନ୍ତି। ଲୋକଙ୍କ ସମସ୍ୟାର ସମାଧାନ କରିବା ସହ ଗ୍ରାମାଞ୍ଚଳର ବିକାଶ ଲାଗି ଉନ୍ନୟନ ମୂଳକ କାର୍ଯ୍ୟକରିବେ ବୋଲି ବିଡିଓ କହିଛନ୍ତି। ଏଥିନେଇ ସେ ସମସ୍ତଙ୍କ ସହଯୋଗ ଲୋଡ଼ିଛନ୍ତି। ଗୁରୁବାର ସମସ୍ତ ଜନପ୍ରତିନିଧି ସରପଞ୍ଚ ସମିତିସଭ୍ୟ ଓ କର୍ମଚାରୀମାନେ ନୂତନ ବିଡିଓଙ୍କୁ ସମ୍ବର୍ଦ୍ଧନା ଜଣାଇଛନ୍ତି। ପୂର୍ବରୁ ସେ କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ୍ ବିଡିଓ ଭାବେ କାର୍ଯ୍ୟ କରୁଥିଲେ।

## ବ୍ଲକସ୍ତରୀୟ ନିପୁଣ ଓଡ଼ିଶା ମେଳା

ବୁଗୁଡ଼ା,୨୦।୨ (କାଳିଚରଣ ଦାଶ)

ବୁଗୁଡ଼ା ବ୍ଲକ ଅନ୍ତର୍ଗତ ବି.କରଡ଼ାବାଡ଼ି ସର୍ଦ୍ଦାର ଅନ୍ତର୍ଯ୍ୟାମୀ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ନିପୁଣ ଓଡ଼ିଶା ମେଳା ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷାଧିକାରୀ ଚିନ୍ମୟ ମହାପାତ୍ରଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥି ଭାବେ ବିଡିଓ ଦୂତିକୃଷ୍ଣ ପାତ୍ର, ମୁଖ୍ୟବକ୍ତା ତହସିଲଦାର ତାପସ ରାଉତ, ସମ୍ମାନିତ ଅତିଥି ଏବିଇଓ ଅମିତା କୁମାରୀ ପାଢୀ ଓ ତପସ୍ୱିନୀ ସାହୁ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବଂଶୀଧର ନାୟକ, ପ୍ରାଥମିକ ଶିକ୍ଷକ ସଂଘ ସଭାପତି ମନୋରଞ୍ଜନ ଦାଶ, ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ନାୟକ ପ୍ରମୁଖ ଯୋଗଥିଲେ। ଉକ୍ତ ମେଳାରେ ୧୧ଟି କ୍ଲଷ୍ଟରରୁ ଆସିଥିବା ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ଶିକ୍ଷଣ ସାମଗ୍ରୀମାନଙ୍କୁ ପ୍ରଦର୍ଶିତ କରାଯାଇଥିଲା। ଏହି ଅବସରରେ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତିରେ ଗାଇଡ୍ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ପ୍ରଣାମପତ୍ର ଏବଂ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା।

## କୁକୁଡ଼ା ଫାର୍ମରୁ ପାଣି ପମ୍ପ ଚୋରି

ବୁଗୁଡ଼ା,୨୦।୨ (କାଳିଚରଣ ଦାଶ)

ବୁଗୁଡ଼ା ଥାନା ଅନ୍ତର୍ଗତ ସୁବୁଦ୍ଧିପଲ୍ଲୀ ଗ୍ରାମ ନିକଟରେ ଥିବା ଦଣ୍ଡପାଣି ବେହେରାଙ୍କ କୁକୁଡା ଫାର୍ମରେ ଲାଗିଥିବା ପାଣି ପମ୍ପଟିକୁ ୧୯ ତାରିଖ ରାତିରେ କେହି ଚୋରିକରି ନେଇଯାଇଥିବା ବେଳେ ୨୦ ତାରିଖ ସକାଳେ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଦଣ୍ଡପାଣିଙ୍କ ଅଭିଯୋଗ କ୍ରମେ ଘଟଣା ସ୍ଥଳକୁ ଯାଇ ତଦନ୍ତ କରୁଥିବା ଜଣାଯାଇଛି। ପ୍ରକାଶ ଯୋଗ୍ୟ ଯେ, ପୂର୍ବରୁ ଗତ ନଭେମ୍ବର ୧୩ ରାତିରେ ସେହି ଫାର୍ମରୁ ଏକ ପମ୍ପସେଟ୍ ସହ ପ୍ରାୟ ଲକ୍ଷାଧିକ ଟଙ୍କାର ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିଲା ଏବଂ ସେହି ଘଟଣା ପରେ ସେଠାରେ ଲଗାଯାଇଥିବା ନୂଆ ପାଣି ପମ୍ପଟିକୁ ପୁଣି ଏବେ କେହି ଚୋରି କରିନେଇଛି। କେବଳ ବୁଗୁଡ଼ା ସହରାଞ୍ଚଳରେ ଏପରି ସାଇକେଲ ଚୋରି ନୁହେଁ ଗ୍ରାମାଞ୍ଚଳରେ ମଧ୍ୟ ବାରମ୍ବାର ଚୋରି ହେଉଥିବା ଅଭିଯୋଗ ହେଉଛି।

**୫ଟି ସ୍କୁଲରେ ନିମ୍ନମାନର କାମ**

# ତଦନ୍ତ ଦାବିରେ ପଞ୍ଚାୟତବାସୀଙ୍କ ଧାରଣା

ଶରଣକୁଳ,୨୦।୨ (ଦୀପକ କର)

ଶରଣକୁଳ ନିକଟ ବରସାହି ହାଇସ୍କୁଲରେ ନିମ୍ନମାନର କାମକୁ ନେଇ ପଞ୍ଚାୟତବାସୀ ତାତିବା ସହିତ ଘଟଣାର ତଦନ୍ତ ଦାବି କରିଛନ୍ତି। ଅଭିଯୋଗ ଅନୁଯାୟୀ, ବରସାହି ହାଇସ୍କୁଲକୁ ୫ଟି ସ୍କୁଲରେ ସାମିଲ କରାଯାଇଛି। ଏଥିପାଇଁ ୪୪ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ସରକାର ଯୋଜନା କାର୍ଯ୍ୟକାରୀ କରିଛନ୍ତି । ଏଥିରେ ସ୍ମାର୍ଟ କ୍ଲାସ ରୁମ୍, ସ୍ମାର୍ଟ ଟିଭି, ଇ- ଲାଇବ୍ରେରୀ, କମ୍ପ୍ୟୁଟର, ସିସିଟିଭି ଆଦି ନିର୍ମାଣ କରିବାକୁ କୁହାଯାଇଛି । ସ୍କୁଲ ପ୍ରଧାନ ଶିକ୍ଷକଙ୍କ କୌଣସି ଭୂମିକା ନାହିଁ। ସରକାର ଅର୍ଥ ପ୍ରଦାନ କରିବା ପରେ ସବୁ ଅର୍ଥ ବିଡିଓଙ୍କ ଆକାଉଣ୍ଟକୁ ଛାଡ଼ିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାପରେ କାମକୁ ଶାଗ ମାଛ ନ୍ୟାୟରେ କାମ ସାରି ଦିଆଯାଇଛି । ବରସାହି ୫ଟି ସ୍କୁଲ କାମକୁ ବର୍ଷେ ବିତି ଯାଇଥିଲେ ମଧ୍ୟ କାମ



ଧାରଣାରେ ବସିଥିବା ପଞ୍ଚାୟତବାସୀ।

ଅଧାପନ୍ତରିଆ ଅବସ୍ଥାରେ ପଡ଼ି ରହିଛି। ଆଜି ପଞ୍ଚାୟତର ୱାର୍ଡ ମେମ୍ବର ଗୋକୁଳ ନାହାକଙ୍କ ସମେତ ଭଗବାନ ନାହାକ, କେଶବ ନାହାକ, ଦାଶରଥି ନାହାକ, ମଧୁ ନାହାକ, ପାଣ୍ଡୁ ଚରଣ ପରିଡ଼ା, ବୈଷ୍ଣବ ସ୍ୱାଇଁ, ମନୁ ମହାନ୍ତି, ଚୈତନ୍ୟ ଜେନା, ଭରତ ପରିଡ଼ା, ଦୁରୁଜ ପ୍ରଧାନ ପ୍ରମୁଖ ଅଭିଯୋଗ କରିଛନ୍ତି । ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି। ବିଡିଓ ଜିତେନ୍ଦ୍ର କୁମାର ନାୟକ କହିଛନ୍ତି, ଏ ସମ୍ପର୍କରେ ମୁଁ ଜାଣିନାହିଁ , ଏହାର ତଦନ୍ତ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।

# ରାଶନ କାର୍ଡ ଫେରସ୍ତ ପାଇଁ ଯୋଗାଣ ବିଭାଗର ବିଜ୍ଞପ୍ତି

**୨୦୪ ସରକାରୀ କର୍ମଚାରୀ,୮୧୦ ଆୟକରଦାତାଙ୍କୁ ନୋଟିସ**

ଓଡ଼ଗାଁ,୨୦।୨ (ଆଦର୍ଶ କୁମାର ପଟ୍ଟନାୟକ )

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଦ୍ୱାରା ବ୍ଲକର ୮୧୦ ଆୟକରଦାତାଙ୍କୁ ସେମାନଙ୍କ ଖାଉଟି କାର୍ଡ ଫେରସ୍ତ ପାଇଁ ବିଜ୍ଞପ୍ତି ଜାରି ହୋଇଛି। କୌଣସି ଖାଉଟି କାର୍ଡରେ ପରିବାର ସଦସ୍ୟଙ୍କ ମଧ୍ୟରୁ କେହି ଜଣେ ଆୟକରଦାତା ଥିଲେ ସେମାନଙ୍କୁ ରାଶନ କାର୍ଡ ଫେରସ୍ତ କରିବାକୁ ପଡିବ। ଏହାଦ୍ୱାରା ପରିବାର ସମସ୍ତ ସଦସ୍ୟ ରାଶନ ସାମଗ୍ରୀ ପାଇବାରୁ ବଞ୍ଚିତ ହେବେ। ଅନ୍ୟପକ୍ଷେ ଘରୋଇ ବ୍ୟାଙ୍କ କିମ୍ବା ଅର୍ଥ ଲଗାଣକାରୀସଂସ୍ଥାରୁ ଋଣ ଆଣିବା ନିମନ୍ତେ କେତେକ ଋଣ ଆବେଦନକାରୀ ଆୟକର ପ୍ରମାଣ ପତ୍ର ଯୋଗାଡ଼ କରି ଋଣ ଉଠାଣ କରି ଏବେ ରାଶନକାର୍ଡର ଗୋଲକ ଧନ୍ଦାରେ ଫସିଛନ୍ତି। ସେମାନଙ୍କ ମଧ୍ୟରୁ ଅନେକଙ୍କୁ ରାଶନକାର୍ଡ ଫେରେଇବା ନିମନ୍ତେ ନୋଟିସ ଯାଇଥିବାରୁ ଏଭଳି ଆୟକରଦାତାଙ୍କୁ ରାଶନ କାର୍ଡ଼ରୁ ବାଦ ନ ଦେବା ପାଇଁ ପ୍ରତିଦିନ ସେମାନଙ୍କ ପରିବାର ବ୍ଲକ ଯୋଗାଣ ନିରୀକ୍ଷକଙ୍କୁ ଲିଖିତ ଭାବେ ଜଣାଇବାକୁ ଏକଜୁଟ୍ ହେଉଛନ୍ତି। ଅନ୍ୟପକ୍ଷେ ଉକ୍ତ ସମସ୍ୟାକୁ ନେଇ ରାଜ୍ୟ ସରକାର କୌଣସି ସ୍ପଷ୍ଟ କରିନାହାଁନ୍ତି। ୮୧୦ ରାଶନ କାର୍ଡ ଫେରସ୍ତ ହେଲେ ପୂର୍ବରୁ ଚିହ୍ନଟ ହୋଇଥିବା ୨୦୪ ସରକାରୀ ଚାକିରିଆ ଖାଉଟି କାର୍ଡଧାରୀଙ୍କ ୨୭୩୦ ଜଣ ପରିବାର ସଦସ୍ୟ ରାଶନ ସାମଗ୍ରୀ ପାଇବାରୁ ବଞ୍ଚିତ ହେବେ। ଅଭାବ ଯୋଗୁ ଋଣ ଆଣିବା ପାଇଁ ଆୟକର ଫାଇଲ କରିଥିବା ରାଶନ କାର୍ଡ ହିତାଧିକାରୀଙ୍କ ମଧ୍ୟରୁ ଅନେକ ରାଶନ କାର୍ଡ ପାଇବା ନିମନ୍ତେ ଯୋଗ୍ୟ ବୋଲି ଦାବି କରିଛନ୍ତି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଦ୍ୱାରା ପ୍ରଥମ ଦଫାରେ ଚାକିରୀ କରିଥିବା ୨୦୪ ଅଯୋଗ୍ୟ ହିତାଧିକାରୀଙ୍କୁ ଛାଟ ମାରିଥିବା ବେଳେ ସେମାନଙ୍କ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୪୧ ଜଣ କାର୍ଡ ଫେରସ୍ତ କରିଛନ୍ତି। ଏବେ ଆୟକରଦାତାଙ୍କ ଉପରେ ପଡିଛି ଦ୍ୱିତୀୟ ଛାଟ। ସେମାନଙ୍କ ମଧ୍ୟରୁ କେତେଜଣ କାର୍ଡଧାରୀଙ୍କୁ ଅଯୋଗ୍ୟ ଘୋଷିତ କରାଯିବ ତାହା ପରବର୍ତ୍ତୀ ସମୟରେ ଜଣାପଡ଼ିବ ବୋଲି ବିଭାଗୀୟ ଅଧିକାରୀ କହିଛନ୍ତି ।

# ଜିଲାପାଳଙ୍କ ଅଫିସ ଆଗରେ ଧାରଣା

ଛତ୍ରପୁର,୨୦।୨ (ସନ୍ତୋଷ ପାଢ଼ୀ/ଦିଲୀପ ସାମଲ):

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) ଓଡିଶା ଶ୍ରମିକ ୟୁନିଅନ ଗଞ୍ଜାମ ଜିଲା କମିଟି ପକ୍ଷରୁ ୧୫ ଦଫା ଦାବି ନେଇ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯାଇଛି। ଦାବି ମଧ୍ୟରେ ଦୈନିକ ସର୍ବନିମ୍ନ ମଜୁରୀ ୭୦୦ ଟଙ୍କାକୁ ବୃଦ୍ଧି ଏବଂ ପରିବାରର ୨ ଜଣ ସଦସ୍ୟଙ୍କୁ ନିଶ୍ଚିତ କାମ, ବର୍ଷସାରା କାମ ଯୋଗାଇ ଦେବାର ବ୍ୟବସ୍ଥା କରିବା, ସର୍ବନିମ୍ନ ମଜୁରୀ ଠାରୁ କମ ପ୍ରାପ୍ୟ ପ୍ରଦାନ କରୁଥିବା ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ



ଜିଲାପାଳଙ୍କ ଅଫିସ ଆଗରେ ଶ୍ରମିକମାନେ ଧାରଣା ଦେଇଛନ୍ତି।

ଦୃଢ଼ କାର୍ଯ୍ୟାନୁଷ୍ଠାନ ଆଦି ରହିଛି। ଏନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ଗତ ୧୧ ତାରିଖରେ ଏସବୁ ଦାବି ନେଇ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଶ୍ରମିକ ୟୁନିଅନ ଗଞ୍ଜାମ ଜିଲା କମିଟି ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା।

# ମାର୍ଚ୍ଚ ନ ହେଉଣୁ ଶୁଖିଲାଣି ଜଳପ୍ରପାତ

ଦାରିଙ୍ଗବାଡ଼ି, ୨୦।୨ (ଅରୁଣ ସାହୁ)

ଯେପରି ଭାବରେ ଦିନକୁ ଦିନ ଖରାର ପ୍ରଭାବ ବୃଦ୍ଧି ପାଉଛି, ସେହି ପରିମାଣରେ ଜଳସ୍ତର କମିବାରେ ଲାଗିଛି। ପିଇବା ପାଣିର ଅଭାବ ବୃଦ୍ଧି ପାଉଥିବା ଏବେ ଚିନ୍ତାଜନକ ହୋଇଥିବା ବେଳେ ପର୍ଯ୍ୟଟକଙ୍କୁ ନିରାଶ କରୁଛି ଦାରିଙ୍ଗିବାଡି ଅଞ୍ଚଳରେ ଥିବା ପର୍ଯ୍ୟଟନକ୍ଷେତ୍ରର ଏକାଧିକ ଜଳପ୍ରପାତ। ଦାରିଙ୍ଗବାଡ଼ି ବ୍ଲକର କିରିକୁଟି ପଞ୍ଚାୟତରେ ଥିବା ଲାଭର୍ସପଏଣ୍ଟ ଜଳପ୍ରପାତ ସମେତ ମିଡ଼ିଝୁନ୍ଦା ଜଳପ୍ରପାତ, ପାଟାବାନ୍ଧା ଜଳପ୍ରପାତ ରେନବୋ ଜଳପ୍ରପାତ, ଯୋଗି



ଜଳପ୍ରପାତଠାରେ ପର୍ଯ୍ୟଟକମାନେ ଭ୍ରମଣ କରୁଛନ୍ତି।

ମଠ ଆଦିରେ ଜଳସ୍ତର କମିବାରେ ଲାଗିଛି। ରାଜ୍ୟ ବାହାରୁ ଆସୁଥିବା ପର୍ଯ୍ୟଟକ ଜଳପ୍ରପାତର ଅବସ୍ଥା ଦେଖି ନିରାଶ ହେଉଛନ୍ତି। ସୂଚନାଯୋଗ୍ୟ, ଦାରିଙ୍ଗବାଡ଼ିକୁ ସେପ୍ଟେମ୍ବରରୁ ମାର୍ଚ୍ଚ ପର୍ଯ୍ୟନ୍ତ ଅଧିକ ସଂଖ୍ୟକ ପର୍ଯ୍ୟଟକ ଆସନ୍ତି। ଚଳିତ ବର୍ଷ ଫେବୃଆରୀରୁ ଖରାର ପ୍ରକୋପ ବୃଦ୍ଧି ଚିନ୍ତାର ବିଷୟ ହେଲାଣି।

# ସ୍କୁଲ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା ଶିବିର

ଦଶପଲ୍ଲା,୨୦।୨ (ପ୍ରକାଶ କୁମାର ପାଣି)

ଦଶପଲ୍ଲା ବ୍ଲକ ଅନ୍ତର୍ଗତ ମଧ୍ୟଖଣ୍ଡ ଗ୍ରାମପଞ୍ଚାୟତରେ ଥିବା ମଧ୍ୟଖଣ୍ଡ ନୋଡ଼ାଲ ଉଚ୍ଚବିଦ୍ୟାଳୟଠାରେ ଛାତ୍ରୀଛାତ୍ରଙ୍କ ଏକ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଦଶପଲ୍ଲା ବ୍ଲକ ଶିକ୍ଷା ଅଧିକାରୀ ଭକ୍ତି ବିନୋଦ ସଲଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସରକାରଙ୍କ ବୀର ସୁରେନ୍ଦ୍ର ସାଏ ଦିବ୍ୟ ଦୃଷ୍ଟି ଯୋଜନା ତରଫରୁ ଚକ୍ଷୁ ଅଧିକାରୀ ପ୍ରଭାସ ଚନ୍ଦ୍ର ବାହିନୀପତି ଓ ବିଜୟଲକ୍ଷ୍ମୀ ଶତପଥୀ ଯୋଗଦାନ କରି ପିଲାମାନଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। ୩ କ୍ଲଷ୍ଟର ଯଥା ମଧଖଣ୍ଡ କ୍ଲଷ୍ଟର, ଜାନିସାହି କ୍ଲଷ୍ଟର ଓ ଘୁଗୁଡ଼ିପଡ଼ା କ୍ଲଷ୍ଟର ପ୍ରାୟ ୬୦ଜଣ ପିଲା ଚକ୍ଷୁ ପରୀକ୍ଷା କରାଯାଇଥିଲା। ଏଥିରେ ମଧଖଣ୍ଡ ନୋଡାଲ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ବିକାଶ ଚନ୍ଦ୍ର ସେଠୀ, ସରୋଜ କୁମାର ସାହୁ ଓ ସୁମିତ୍ରା ନାୟକ ସହଯୋଗ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଛାତ୍ରୀଛାତ୍ର ଏବଂ ଅଭିଭାବକମାନଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଥିଲା।

# ମାର୍ଚ୍ଚ ୧୫ ସୁଦ୍ଧା କାମ ସାରିବାକୁ ଡିଆର୍‌ଏମ୍‌ଙ୍କ ନିର୍ଦ୍ଦେଶ

**ଐତିହାସିକ ପାରଳାଖେମୁଣ୍ଡି ରେଳ ଷ୍ଟେଶନ ଉନ୍ନତୀକରଣ କାର୍ଯ୍ୟ**

ପାରଳାଖେମୁଣ୍ଡି,୨୦।୨ (ଗିରିଧାରୀ ପରିଛା)

ଗଜପତି ଜିଲା ସଦର ପାରଳାଖେମୁଣ୍ଡି ରେଳ ଷ୍ଟେଶନକୁ ଗୁରୁବାର ଇଷ୍ଟକୋଷ୍ଟ ବିଶାଖାପଟଣା ଡିଭିଜନର ଡିଆର୍‌ଏମ୍ ମନୋଜ କୁମାର ସାହୁ ପରିଦର୍ଶନ କରିଛନ୍ତି। ପାରଳାଖେମୁଣ୍ଡିଠାରେ ଚାଲିଥିବା ଏହି ରେଳ ଷ୍ଟେଶନର ଉନ୍ନତିକରଣ କାର୍ଯ୍ୟ ଆସନ୍ତା ମାର୍ଚ୍ଚ ୧୫ ସୁଦ୍ଧା ଶେଷ କରିବା ପାଇଁ ସେ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପରିଦର୍ଶନ ସମୟରେ ଡିଆରଏମ୍ ସାହୁ ଯାତ୍ରୀମାନଙ୍କ ପାଇଁ ହୋଇଥିବା ଆବଶ୍ୟକ ସୁବିଧାଗୁଡିକ ଶେଷ ହୋଇଛି କି ନାହିଁ ସେ ଉପରେ ଗୁରୁତ୍ୱାରୋପ କରିଛନ୍ତି। ଐତିହାସିକ ପାରଳାଖେମୁଣ୍ଡି ରେଳ ଷ୍ଟେଶନ ନିର୍ମାଣ କାର୍ଯ୍ୟ ଅମୃତ ଭାରତ ଯୋଜନାରେ ଆରମ୍ଭ ହୋଇ ଗତ ୧ ବର୍ଷ ହେଲା ଜାରି ରହିଛି । ପ୍ଲାଟଫର୍ମର ଉନ୍ନତିକରଣ, ଲେବଲ କ୍ରସିଂ, ନିର୍ମାଣାଧୀନ ବିଭାଗ କୋଠା କାର୍ଯ୍ୟ ଏହି ଅବସରରେ ସେ ବୁଲି ଦେଖିଥିଲେ। ତାଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

## କଳ୍ପତରୁ ହଂସ ଆଶ୍ରମରେ ଗୀତାଯଜ୍ଞ

ଖଣ୍ଡପଡ଼ା,୨୦।୨ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକର କୋସକା ପଞ୍ଚାୟତ ଅଧୀନ ରାମଚନ୍ଦ୍ରପୁରଗ୍ରାମସ୍ଥିତ କଳ୍ପତରୁ ହଂସ ଆଶ୍ରମରେ ଗୀତାଯଜ୍ଞ ଓ ନାମ ଯଜ୍ଞ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଏହି ଅବସରରେ ଏକ କଳସ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା। ପୀଠାଧିଶ ସାଧୁ ପ୍ରକାଶ ଚନ୍ଦ୍ର ଦାସ ମହାରାଜାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଆଧାତ୍ମିକ କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତି, ବ୍ରାହ୍ମଣ ସମାଜର ପୁରୋଧାମାନେ ସାମିଲ ହୋଇଥିଲେ। ଆଖପାଖ ଅଞ୍ଚଳରେ ନଦିଆ କୀର୍ତ୍ତନମଣ୍ଡଳୀ, ମାତୃ ମଣ୍ଡଳୀ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇ ନାମ ସଂକୀର୍ତ୍ତନ କରିଥିଲେ। ୨ଶହରୁ ଉର୍ଦ୍ଧ୍ୱ ସାଧୁସନ୍ଥ ଉପସ୍ଥିତ ଥିଲେ।

## ଶିକ୍ଷୟିତ୍ରୀଙ୍କ ପରଲୋକ

ଶରଣକୁଳ,୨୦।୨ (ଦୀପକ କର)

ସାମାଜିକକର୍ମୀ ସୁକାନ୍ତକୁମାର ସାହୁଙ୍କ ସ୍ତ୍ରୀ ତଥା ଶିକ୍ଷୟିତ୍ରୀ ନର୍ମଦା ସାହୁ (୫୭)ଙ୍କ ବୁଧବାର ସକାଳେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି। ନର୍ମଦା କରଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସହକାରୀ ଶିକ୍ଷୟିତ୍ରୀ ଭାବେ କାମ କରୁଥିଲେ। ତାଙ୍କ ପରଲୋକରେ ବହୁବ୍ୟକ୍ତି ଶୋକବ୍ୟକ୍ତ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

# ଖଜୁରିପଡ଼ା: ୪ କେନ୍ଦ୍ରରେ ପରୀକ୍ଷା ଦେବେ ୬୪୪

**ଆଜିଠୁ ମାଟ୍ରିକ ପରୀକ୍ଷା**

ଖଜୁରୀପଡ଼ା,୨୦।୨ (ବିଦୁର ବେହେରା)

ଶୁକ୍ରବାରଠାରୁ ମ୍ୟାଟ୍ରିକ ପରୀକ୍ଷା ଆରମ୍ଭ ହେବ। ଖଜୁରିପଡ଼ା ଗୋଷ୍ଠୀ ଶିକ୍ଷା ବିଭାଗ ଅଞ୍ଚଳରୁ ଏଥର ମୋଟ ୬୪୪ ଶିକ୍ଷାର୍ଥୀ ମାଟ୍ରିକ ପରୀକ୍ଷା ଦେବେ ବୋଲି ସୂଚନା ମିଳିଛି। ୪ ସେଣ୍ଟର୍ ହେଲା ସରକାରୀ ଉଚ୍ଚ ବିଦ୍ୟାଳୟ ଦୁତିପଡାରେ ୧୦୦ ଜଣ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଦୁତିପଡ଼ାରେ ୧୨୭ ଜଣ, ସରକାରୀ ଉଚ୍ଚ ବିଦ୍ୟାଳୟ ଖଜୁରିପଡ଼ାରେ ୨୧୦ ଜଣ, ସରକାରୀ ଉଚ୍ଚ ବିଦ୍ୟାଳୟ ରଣ ପାଟୁଲିରେ ୨୦୭ ଜଣ ବିଦ୍ୟାର୍ଥୀ ମାଟ୍ରିକ ପରୀକ୍ଷା ଦେବେ। ମାଟ୍ରିକ ପରୀକ୍ଷା ଶୃଙ୍ଖଳିତ ଭାବେ ପରିଚାଳନା କରିବା ପାଇଁ ବ୍ୟବସ୍ଥା କରିଛି। ବିଶେଷକରି କପି ରୋକିବାକୁ ସ୍ୱତନ୍ତ୍ର ବ୍ୟବସ୍ଥା କରିଛି ବୋର୍ଡ। ଏଥର ସମସ୍ତ ପରୀକ୍ଷା କେନ୍ଦ୍ରରେ ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତ କରାଯାଇଛି। ସେମାନେ ପ୍ରଶ୍ନପତ୍ର ଆସିବା ଠାରୁ ପରୀକ୍ଷା ଉତ୍ତର ଖାତା ଆସିବା ପର୍ଯ୍ୟନ୍ତ ଏହାର ତଦାରଖ କରିବେ। ବିଇଓ, ପ୍ରଧାନଶିକ୍ଷକ ଓ ପ୍ରଧାନ ଶିକ୍ଷୟିତ୍ରୀଙ୍କ ଉପରେ ଏହାର ଦାୟିତ୍ୱ ରହିବ। ପରୀକ୍ଷାର୍ଥୀ ମାନେ କୌଣସି ଜିନିଷ ପରୀକ୍ଷା କେନ୍ଦ୍ରକୁ ନେଇ ପାରିବେ ନାହିଁ। ସେହିପରି ପରୀକ୍ଷା କେନ୍ଦ୍ରକୁ ମୋବାଇଲ ନେଇପାରିବେ ନାହିଁ। ଭିନ୍ନକ୍ଷମ ଛାତ୍ରୀଛାତ୍ର ନବମ ଶ୍ରେଣୀ ଶିକ୍ଷାର୍ଥୀଙ୍କ ସାହାଯ୍ୟ ନେଇ ପାରିବେ ବୋଲି ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜ୍ୟୋସ୍ନା ରାଣୀ ମଲ୍ଲିକ ଓ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିନୋଦ ବିହାରୀ ଦିଗାଲ ସୂଚନା ଦେଇଛନ୍ତି।

# ବ୍ରହ୍ମାକୁମାରୀସ୍ ତରଫରୁ ଶିବ ଜୟନ୍ତୀ

ଛତ୍ରପୁର,୨୦।୨ (ସନ୍ତୋଷ ପାଢ଼ୀ)

ଛତ୍ରପୁର ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଶାନ୍ତି ଅନୁଭୂତି ଭବନ ତରଫରୁ ସପ୍ତାହ ବ୍ୟାପୀ ୮୯ ତମ ତ୍ରିମୂର୍ତ୍ତୀ ଶିବ ଜୟନ୍ତୀ ମହୋତ୍ସବ ସାହେବ ଜେନାପଲ୍ଲୀ ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାସ୍ତବିକ୍ ରହସ୍ୟ ଏହାକି ଯେ, ଶ୍ରୀମଦ୍ ଭଗବତ ଗୀତାରେ ଦେଇଥିବା କଥା ଅନୁସାରେ ସ୍ୱୟଂ ନିରାକାର ଶିବ ପରମାତ୍ମା ଆଜକୁ ୮୯ ବର୍ଷ ହେଲା ଧରା ପୃଷ୍ଠରେ ଅବତରଣ କରିସାରିଛନ୍ତି। ଯେତେବେଳେ ଏହି ଘୋର କଳିଯୁଗ ଦୁନିଆରେ ଧର୍ମ ଭ୍ରଷ୍ଟ କର୍ମ ଭ୍ରଷ୍ଟ, ଅନ୍ୟାୟ ଅତ୍ୟାଚାର ପାପାଚାର ଏବଂ ଭ୍ରଷ୍ଟାଚାର ବଢିବାରେ ଲାଗେ ସେହି ସମୟରେ ସ୍ୱୟଂ ଭଗବାନ ଶିବ ପରମାତ୍ମା ଏହି ଧରାପୃଷ୍ଠରେ ଅବତରଣ କରନ୍ତି ତାହାରି ସ୍ମୃତି ଚିହ୍ନ ରୂପରେ ଆମେ ଶିବରାତ୍ର ପାଳନ କରିଥାନ୍ତି। ଏହି



ଶିବ ଜୟନ୍ତୀ ଉତ୍ସବରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

କାର୍ଯ୍ୟକ୍ରମକୁ ଚିକଲଖଣ୍ଡି ପଞ୍ଚାୟତର ସରପଞ୍ଚ ଭଗବାନ ବେହେରା ଉଦ୍‌ଘାଟନ କରିଥିବା ବେଳେ ଗୋପାଳପୁର୍ ତଟରକ୍ଷା ବାହିନୀର ଆସିଷ୍ଟାଣ୍ଟ କମାଣ୍ଡେର ଧନଞ୍ଜୟ ମିଶ୍ରା ଶିବଧ୍ୱଜା ଉତ୍ତୋଳନ କରିଥିଲେ। ଶାନ୍ତି ଅନୁଭୂତି ଭବନର ସଞ୍ଚାଳିକା ରାଜଯୋଗିନୀ ବ୍ରହ୍ମାକୁମାରୀ ବିଜୟା ଲକ୍ଷ୍ମୀ ତ୍ରିମୁର୍ତ୍ତୀ ଶିବ ଜୟନ୍ତୀ ମହୋତ୍ସବର ବାସ୍ତବିକ୍ ରହସ୍ୟକୁ ଉନ୍ମୋଚନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପରମାତ୍ମା ସ୍ମୃତି ରୂପରେ ଏକ ଚୈତନ୍ୟ ଝାଙ୍କିର ଆୟୋଜନ କରାଯାଇଥିଲା।

# ରକ୍ତଶିକୁଳି ଚିହ୍ନଟ ଯନ୍ତ୍ର ଉଦ୍‌ଘାଟିତ

**ଯକ୍ଷ୍ମା ରୋଗୀଙ୍କୁ ଖାଦ୍ୟ ବାସ୍କେଟ ବଣ୍ଟନ**

ଫୁଲବାଣୀ, ୨୦।୨ (ରାକେଶ କୁମାର ରାଉତ)

ଜିଲା ମୁଖ୍ୟ ଚିକିତ୍ସାଳୟ ତାଲିମ କେନ୍ଦ୍ରରେ ରକ୍ତଶିକୁଳି ରୋଗ ଚିହ୍ନଟ ପାଇଁ ଉନ୍ନତ ଯାନ୍ତ୍ରିକ ଉପକରଣକୁ ଉଦ୍‌ଘାଟନ କରାଯାଇଛି । ଏଥିସହ ଯକ୍ଷ୍ମା ରୋଗୀଙ୍କୁ ଖାଦ୍ୟ ବାସ୍କେଟ ବଣ୍ଟନ କରାଯାଇଛି। ପୂର୍ବରୁ ଚିହ୍ନଟ ହୋଇଥିବା ୧୨୦ଯକ୍ଷ୍ମା ରୋଗୀଙ୍କୁ ଔଷଧ ସେବନ ସମୟରେ ମାସିକ ଖାଦ୍ୟ ବାସ୍କେଟ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ୨୦୨୨ରୁ କାର୍ଯ୍ୟ କରୁଛି। ଚଳିତ ବର୍ଷ ଜିଲା ରେଡ୍‌କ୍ରସ ସୋସାଇଟି ଏହି ଖାଦ୍ୟ ବାସ୍କେଟ ପ୍ରଦାନ କରିଥିବା ବେଳେ ଜିଲା ସ୍ୱାସ୍ଥ୍ୟ ସମିତି ସହଯୋଗ କରିଥିଲା। ଜିଲାରେ ଉନ୍ନତ ଜ୍ଞାନ କୌଶଳରେ ରକ୍ତଶିକୁଳି ରୋଗ ଚିହ୍ନଟ ପାଇଁ ଦୁଇଟି ଉଚ୍ଚ ପ୍ରଯୁକ୍ତି ଯୁକ୍ତ ଯାନ୍ତ୍ରିକ ଉପକରଣ (ଏଚ୍.ପି.ଏଲ୍.ସି.) ଏବଂ ଗୋଟିଏ ୬ଟି ଆସନ ବିଶିଷ୍ଟ ନୂତନ



ରକ୍ତଶିକୁଳି ଚିହ୍ନଟ ପାଇଁ ମିଳିଥିବା ଯାନ୍ତ୍ରିକ ଉପକରଣ।

ମହାପ୍ରୟାଣ ଗାଡ଼ି ଭାରତୀୟ ବିରଳ ମୃତ୍ତିକା ପ୍ରତିଷ୍ଠାନ(ଆଇ.ଆର୍.ଇ.ଏଲ୍) ଛତ୍ରପୁର, ଗଞ୍ଜାମ ତରଫରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପ୍ରଦାନ କରାଯାଇଥିଲା। ବୈଠକରେ ଜିଲା ମୁଖ୍ୟ ଚିକିତ୍ସା ଏବଂ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା.ସନ୍ତୋଷ ପାଢ଼ୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଆଇଆର୍‌ଇଏଲ୍‌କୁ କୃତଜ୍ଞତା ଜଣାଇବା ସହିତ ବିଭିନ୍ନ ସଂସ୍ଥା ସହିତ ସହବନ୍ଧନ କରି ଜିଲାରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ କହିଥିଲେ। ଫୁଲବାଣୀ ଭେଷଜ ମହାବିଦ୍ୟାଳୟ ଅଧ୍ୟକ୍ଷକ ଡା.ନରେନ୍ଦ୍ର ବେହେରା, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ପ୍ରତିନିଧି ଡା.ଶ୍ୟାମବନ୍ଧୁ ରଥ ଓ ଡା.ରିତା, ଜିଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡା.କଲ୍ୟାଣୀ ମିଶ୍ର, ଡା.ଅରବିନ୍ଦ ଦାଶ, ରକ୍ତ ଭଣ୍ଡାର ଅଧିକାରୀ ଡା.ଜୟଦୀପ ଭୋଷ, ଭାରତୀୟ ବିରଳ ମୃତ୍ତିକା ପ୍ରତିଷ୍ଠାନ ପ୍ରତିନିଧି ଅମୂଲ୍ୟରତ୍ନ ପଣ୍ଡା, ସଞ୍ଜୟ ସାହୁ ଉପସ୍ଥିତ ଥିଲେ।

# ଋଷିକୁଲ୍ୟା ନଦୀରେ ମିଶୁଛି ସମୁଦ୍ର ପାଣି

**ସେଚ, ପାନୀୟ ଜଳ ସମସ୍ୟା: ୧୦ଗାଁ ପ୍ରଭାବିତ ଆଶଙ୍କା**

ଛତ୍ରପୁର,୨୦।୨ (ସନ୍ତୋଷ ପାଢ଼ୀ)

ଗଞ୍ଜାମ ଜିଲାରେ ସମୁଦ୍ର କୂଳ ଲଂଘିବାରେ ଲାଗିବା ସହ ଏହାର ପାଣି ନିକଟରେ ଥିବା ଋଷିକୁଲ୍ୟା ନଦୀ ମଧ୍ୟକୁ ପ୍ରବେଶ କରିବାରେ ଲାଗିଛି। ନଦୀରେ ପ୍ରାୟ ୧୦ କି.ମି. ଭିତରକୁ ଏହି ଲୁଣି ପାଣି ପଶିବା ପରେ ଆଉ ଫେରିପାରୁନି। ତେଣୁ ଋଷିକୂଲ୍ୟା ନଦୀ ପାଣି ଲୁଣିଆ ହେବାରେ ଲାଗିଛି। ଏଥିଯୋଗୁ ଉଭୟ ଜଳସେଚନ ଓ ପାନୀୟ ଜଳ ଲାଗି ସମସ୍ୟା ଉପୁଜିଛି। ଲୁଣିପାଣି ଜଳସେଚନ ଓ ପିଇବା ଉପଯୋଗୀ ହୋଇପାରୁନି। ଲୁଣିପାଣି ନ ଖସିଲା ଯାଏ ଜଳସେଚନ ଓ ପିଇବା ପାଣି ଯୋଗାଣ ବାଧାପ୍ରାପ୍ତ ହେଉଛି । ଏଥିଲାଗି ଚାଷୀଙ୍କ ସମସ୍ୟା ବଢିଛି ବୋଲି ଋଷିକୁଲ୍ୟା ରୟତ ମହାସଭାର ସିମାଞ୍ଚଳ ନାହାକ କହିଛନ୍ତି ।

ସମୁଦ୍ର ଜୁଆର ଯୋଗୁ ଗଞ୍ଜାମ ମୁହାଣରୁ ଛତ୍ରପୁର ବ୍ଲକ କଂସାରୀଗଣ୍ଡ ପର୍ଯ୍ୟନ୍ତ ୧୦ କି.ମି. ଋଷିକୁଲ୍ୟା ନଦୀପାଣି ଲବଣାକ୍ତ ହେବାରେ ଲାଗିଛି । ଏଥିଯୋଗୁଁ ଗଞ୍ଜାମ ଏନ୍‌ଏସି, ଗଞ୍ଜାମ ବ୍ଲକର କାଇଁଚପୁର, ମଲାଡ ଓ କରପଡ଼ା ପଞ୍ଚାୟତ ସମେତ ଛତ୍ରପୁର ବ୍ଲକର ପୋଟଲାମପୁର ପଞ୍ଚାୟତକୁ ଜଳଯୋଗାଣ ଓ ଜଳସେଚନ ଗୁରୁତର ପ୍ରଭାବିତ ହେଉଛି। ଛତ୍ରପୁର ଓ ଗଞ୍ଜାମ ବ୍ଲକର ୧୦ ଗାଁ ବିଶେଷ ପ୍ରଭାବିତ ହେବା ଆଶଙ୍କା ଦେଖାଦେଇଛି । ଏହା ପରିବେଶ ସନ୍ତୁଳନକୁ ବିଗାଡୁଛି। ଏପରି ସମସ୍ୟା ଦୂର ହେବା ଜରୁରୀ ବୋଲି ପରିବେଶବିତ୍ ଅରୁଣ ଶତପଥୀ କହିଛନ୍ତି। ଏନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନିଆଯାଇ ନାହିଁ । ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ଅଜିତ କୁମାର ପ୍ରଧାନ କହିଛନ୍ତି, ଜୁଆର ତୀବ୍ର ବେଗରେ ନଦୀ ଭିତରକୁ ମାଡ଼ି ଆସୁଛି। ଲୁଣି ପାଣି ଫେରିବା ବେଳକୁ ମୁହାଣ ନିକଟରେ ଜମା ହୋଇଥିବା ବାଲିହୁଙ୍କା ପାଣି ବେଗକୁ ପ୍ରଭାବିତ କରୁଛି। ଜୁଆର ପାଣି ନଦୀ ଶଯ୍ୟାରେ ଅଧିକ ସମୟ ରହୁଛି । ଏହି କାରଣରୁ ଜଳଯୋଗାଣ ଓ ଜଳସେଚନ ବେଳେ ଲୁଣିଆ ପାଣି ପାଇପ ବା କେନାଲ ଯୋଗେ ଯାଉଛି। ଏହି ସମସ୍ୟା ନେଇ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଜଳସେଚନ ବିଭାଗ ଏବଂ ଗ୍ରାମ୍ୟ ଜଳ ଯୋଗାଣ ବିଭାଗର ଯନ୍ତ୍ରୀମାନଙ୍କୁ ଅବଗତ କରାଇଛନ୍ତି। ସେହିପରି ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା ମଧ୍ୟ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ମୁଖ୍ୟଯନ୍ତ୍ରୀଙ୍କୁ ସମସ୍ୟା ଅବଗତ କରିଛନ୍ତି।





ବୁଧବାର ରାତିରେ ନୟାଗଡ଼ ପୁରୁଣା ସହରସ୍ଥିତ ଜଗନ୍ନାଥ ମନ୍ଦିରରୁ ଚୋରି ପରେ ମନ୍ଦିର ପରିସର ଶୂନଶାନ, ଦକ୍ଷିଣ ଦ୍ୱାର କବାଟ କଡ଼ା କଟାଯାଇଛି ଓ ପୋଲିସ ଏବଂ ପ୍ରଶାସନିକ ଅଧିକାରୀମାନେ ସ୍ଥିତି ଅନୁଧ୍ୟାନ କରୁଛନ୍ତି।

# ଚୋରି ପରେ ଚେତା ପଶିଲା

## ଜଗନ୍ନାଥ ମନ୍ଦିରରେ ସିସିଟିଭି ଲଗାଇବାକୁ ପ୍ରଶାସନ ତତ୍ପର

ନୟାଗଡ଼,୨୦।୨(ଲୋକନାଥ ମିଶ୍ର)

ଦେବୋତ୍ତର ବିଭାଗ ବୁଝାଶୁଝା କରୁଥିବା ନୟାଗଡ଼ ଜିଲା ଶରଣକୁଳ ଲଡୁବାବା ମନ୍ଦିର, ଓଡ଼ଗାଁର ରଘୁନାଥ ମନ୍ଦିରରେ ସିସିଟିଭି ଲାଗିଛି । ତେବେ ନୟାଗଡ଼ ପୁରୁଣା ସହରର ଜଗନ୍ନାଥ ମନ୍ଦିରରେ ସିସିଟିଭି ଲଗାଇବାରେ ଅବହେଳା କରାଯାଇଥିବା ଅଭିଯୋଗ ହୋଇଛି। ପୂର୍ବ ସରକାର ଅମଳରେ ୫ଟି ଯୋଜନାରେ ଜଗନ୍ନାଥ ମନ୍ଦିରର ପୁନରୁଦ୍ଧାର ପାଇଁ ୨କୋଟି ୭୭ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ଏଥିରେ ମନ୍ଦିର ପୁନରୁଦ୍ଧାର କାର୍ଯ୍ୟ ଚାଲିଛି । ସେହି ଅନୁଦାନରେ ସିସିଟିଭି ଲାଗିବାର ବ୍ୟବସ୍ଥା ରହିଛି। ତେବେ ଜିଇଡି କାହିଁକି ସିସିଟିଭି ଲଗାଇବାରେ ଅବହେଳା କରିଛି ତାହା ଜଣାପଡିନାହିଁ। ଏଥିରୁ ଅନୁମେୟ ମନ୍ଦିର ପୁନରୁଦ୍ଧାର କାର୍ଯ୍ୟର ସମୀକ୍ଷା ହେଉନି। ଜିଇଡି ସିସିଟିଭି ଲଗାଇଥିଲେ ଗୁରୁବାର ରାତିରେ ଶ୍ରୀଜୀଉଙ୍କ ଅଳଙ୍କାର ଚୋରି ହେବା କଷ୍ଟକର ହୋଇଥାନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଅନ୍ୟପକ୍ଷେ ଚୋରି ପରେ ସିସିଟିଭି ଲଗାଇବାକୁ ପ୍ରଶାସନ ଗୁରୁତ୍ୱ ଦେଇଥିବା ଜଣାପଡିଛି । ଚୋରି ପରେ ତାଗିଦ୍ ମଧ୍ୟ ଆରମ୍ଭ ହୋଇଛି । ପ୍ରଶାସନ ପକ୍ଷରୁ ଜିଇଡି ଉପରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି ହେଉଛି। ପୂର୍ବରୁ କାହିଁକି ସିସିଟିଭି ଲଗାଇଲ ନାହିଁ ବୋଲି ଜିଇଡି ଜେଇଙ୍କ ଉପରେ ଉପଜିଲାପାଳ କର୍ଣ୍ଣଦେବ ସମାଦାର ବିରକ୍ତି ହୋଇଥିବାବେଳେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏନେଇ ଦେବୋତ୍ତର ବିଭାଗର ମ୍ୟାନେଜର ତାପସ ପଟ୍ଟନାୟକ କୁହନ୍ତି, ସିସିଟିଭି ଲଗାଇବାକୁ ଜିଇଡି ଜେଇଙ୍କୁ ଉପଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଶୁକ୍ରବାର ଜଗନ୍ନାଥ ମନ୍ଦିରରେ ସିସିଟିଭି ଲାଗିବ ବୋଲି କହିଛନ୍ତି।



ନୟାଗଡ଼ ବ୍ଲକ ତୁଳସୀପୁରଠାରେ ଶିରିଡି ସାଇ ମନ୍ଦିର ଓ ନୂତନ ବିଗ୍ରହ ପ୍ରତିଷ୍ଠା ଉତ୍ସବରେ ଗୁରୁବାର ଆୟୋଜିତ କଳସ ଶୋଭାଯାତ୍ରାରେ ସାମିଲ ହୋଇଥିବା ଶ୍ରଦ୍ଧାଳୁ।

# ଖଇରପଟିରେ ରାସ୍ତାରୋକୋ, ଉତ୍ତେଜନା



ଖଇରପଟି ମହାଦେବ ମନ୍ଦିର ସମ୍ମୁଖରେ ରାସ୍ତାରୋକୋ କରାଯାଇଛି ।

## ବୋମାମାଡ଼ ଘଟଣାର ତଦନ୍ତ ଦାବି

ନୟାଗଡ଼,୨୦।୨(ଲୋକନାଥ ମିଶ୍ର)

ଇଟାମାଟି ଥାନା ପୋଲିସ ଅଟକ ରଖିଥିବା ୨ ଜଣଙ୍କୁ ଛାଡିବା ଓ ଖଇରପଟି ବୋମା ମାଡ଼ ଘଟଣାର ନିରପେକ୍ଷ ତଦନ୍ତ ଦାବି କରି ଗୁରୁବାର ସକାଳ ୭ଟାରୁ ଖଇରପଟି ମହାଦେବ ମନ୍ଦିର ସମ୍ମୁଖରେ ପାଳ ଓ ଟାୟାର ଜାଳି ଗ୍ରାମବାସୀ ରାସ୍ତାରୋକୋ କରିଥିଲେ । ଫଳରେ ଦର୍ପନାରାୟଣପୁର ପ୍ରତାପପ୍ରସାଦ ରାସ୍ତାରେ ଯାନବାହାନ ଚଳାଚଳ ବନ୍ଦ ରହିଥିଲା । ଖବର ପାଇ ଶରଣକୁଳ ଏସ୍‌ଡିପିଓ, ଇଟାମାଟି ଥାନା ଆଇଆଇସି, ରଣପୁର ଓ ଚାନ୍ଦପୁର ଥାନା ଆଇଆଇସି ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ । ଆନ୍ଦୋଳନକାରୀ ମଧ୍ୟାହ୍ନ ୧୨ଟାରେ ରାସ୍ତାରୋକୋ ପ୍ରତ୍ୟାହୃତ କରିଥିଲେ ।

ସୂଚନା ଅନୁଯାୟୀ, ୨୦୧୬ରେ ଖଇରପଟିରେ ନକୁଳ ବାଣ୍ଡ ହତ୍ୟାକାଣ୍ଡ ଘଟିଥିଲା । ଏହି ଘଟଣାରେ ଖଇରପଟି ଗାଁର ଶେଷଦେବ ନାୟକ(୪୯) ଓ ଭଗବାନ ଦଳବେହେରା(୪୫)ଙ୍କୁ ଆଜୀବନ କାରାଦଣ୍ଡ ହୋଇଛି । ଉଭୟେ ପ୍ୟାରେଲରେ ୩ମାସ ପାଇଁ ଆସିଥିଲେ। ତେବେ ଜାମିନରେ ଥିବାବେଳେ ଉଭୟେ ବୋମାମାଡ଼ କରିଥିବାର ଅଭିଯୋଗ ହୋଇଥିଲା। ଗତ ୧୬ ତାରିଖ ସନ୍ଧ୍ୟାରେ ପୂର୍ବତନ ସରପଞ୍ଚ ଆରତ ବେହେରା ଘରକୁ ଫେରୁଥିବାବେଳେ ଜାମିନରେ ଆସିଥିବା ୨ ବ୍ୟକ୍ତି ବୋମା ଫିଙ୍ଗିଥିଲେ । ଆରତଙ୍କ ଅଭିଯୋଗ କ୍ରମେ ଇଟାମାଟି ଥାନା ପୋଲିସ ଏକ ମାମଲା(ନଂ.୩୭/୨୫) ରୁଜୁ କରି ଜାମିନରେ ଆସିଥିବା ୨ଜଣଙ୍କୁ ଅଟକ ରଖି ପଚରାଉଚୁରା କରିଥିଲା। ହେଲେ ଗ୍ରାମବାସୀଙ୍କ ଯୁକ୍ତି ପୋଲିସ ଶେଷଦେବ ନାୟକ ଓ ଭଗବାନ ଦଳବେହେରାଙ୍କୁ କାହିଁକି ୩ଦିନ ହେଲା ଅଟକ ରଖିଛି । ବୋମା ମାଡ଼ ଘଟଣାରେ ଶେଷଦେବ ଓ ଭଗବାନ ଦୋଷୀ ନୁହନ୍ତି । ଅଯଥାରେ ସେମାନଙ୍କୁ ଫସାଇ ହଇରାଣ କରାଯାଉଛି । ବୋମାମାଡ଼ ସ୍ଥଳ ସିସିଟିଭି ଫୁଟେଜ ଯାଞ୍ଚ କଲେ ସତ୍ୟ ପଦାକୁ ଆସିବ । ପୋଲିସ ସତ୍ୟାସତ୍ୟ ଯାଞ୍ଚ ନ କରି ୨ଜଣଙ୍କୁ ୩ଦିନ ଧରି ଅଟକ ରଖିବାରୁ ଗାଁରେ ଉତ୍ତେଜନା ସୃଷ୍ଟି ହୋଇଛି । ନିର୍ଦ୍ଦୋଷକୁ ଅଟକ ରଖିବା ଠିକ୍ ନୁହେଁ । ପୁଣି ବୋମା ମାଡ଼ ଘଟଣା ଯଦି ସତ୍ୟ ନୁହଁ ମିଥ୍ୟା ଆରୋପ ଆଣିଥିବା ବ୍ୟକ୍ତିଙ୍କୁ ଗିରଫ କରାଯାଉ।

### ଶେଷରେ ଜେଲ ପଠାଇଲା ପୋଲିସ

ଖଇରପଟିର ପୂର୍ବତନ ସରପଞ୍ଚ ଆରତ ବେହେରାଙ୍କ ଉପରକୁ ବୋମାମାଡ଼ ଘଟଣାରେ ଶେଷଦେବ ନାୟକ ଓ ଭଗବାନ ଦଳବେହେରା ଜେଲ ଯାଇଛନ୍ତି। ପୋଲିସ ୨ଜଣଙ୍କୁ ୩ଦିନ ଅଟକ ରଖିବା ପରେ ଆନ୍ଦୋଳନକୁ ଏଡାଇବା ପାଇଁ ୨ ଜଣଙ୍କୁ ଜେଲ ପଠାଇଥିବା ଅଭିଯୋଗ ହୋଇଛି । ଏ ଘଟଣା ଜଣାପଡିବା ପରେ ଖଇରପଟି ଗାଁରେ ପୁଣି ଉତ୍ତେଜନା ଦେଖା ଦେଇଛି । ଗିରଫ ପରେ କେଉଁ ପ୍ରକାର ପଦକ୍ଷେପ ନିଆଯିବ ସେନେଇ ବାରମ୍ବାର ବୈଠକ କରାଯାଉଥିବା ସୂଚନା ମିଳିଛି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଅରୁନ୍ଧତୀ



@ ଗୌରାଙ୍ଗ



@ ରାଜେଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# କୂଅରେ ପଡ଼ି ଶିଶୁପୁତ୍ର ମୃତ

ନୟାଗଡ଼/ରଣପୁର,୨୦।୨
(ଲୋକନାଥ ମିଶ୍ର/ସୁକାନ୍ତ କିଶୋର ଡାକୁଆ)

ନୟାଗଡ଼ ଜିଲା ରଣପୁର ଥାନା ଖଡିଆ ଭଞ୍ଜସାହିରେ କୂଅରେ ଖସି ଜଣେ ଶିଶୁପୁତ୍ରର ମୃତ୍ୟୁ ହୋଇଛି। ମୃତକ ହେଲେ ସହିଲି ବରାଡ(୩) । ଘର ଖଡିଆ ଭଞ୍ଜସାହି। ସହିଲି ମାମୁ ଘରେ ରହୁଥିଲେ। ଗୁରୁବାର ବାପା ପ୍ରଭାତ ବରାଡ଼ ଓ ମା'ଙ୍କ ସହ ନିଜ ଗାଁକୁ ଆସିଥିଲେ। ବାରିପଟ କୂଅ ପାଖରେ ଅପରାହ୍ନରେ ଖେଳୁଥିଲେ। ହେଲେ ସିହିଲିଙ୍କୁ ଆଉ ଦେଖିବାକୁ ମିଳି ନ ଥିଲା। ପରିବାର ପକ୍ଷରୁ ଖୋଜାଖୋଜି ପରେ ଟେର ନ ମିଳିବାରୁ କୂଅକୁ ଦେଖା ଯାଇଥିଲା। କୂଅରେ ପଡିଥିବା ସନ୍ଦେହ କରି ରଣପୁର ଦମକଳ କେନ୍ଦ୍ରକୁ ଫୋନ କରାଯାଇଥିଲା। ଖବର ପାଇ ଦମକଳ କେନ୍ଦ୍ରର କର୍ମଚାରୀ ପହଞ୍ଚି ଶିଶୁପୁତ୍ରର ମୃତଦେହ କୂଅରୁ ଉଦ୍ଧାର କରିଥିଲେ।

# ୩୧ ଫେରାଇଲେ ରାଶନକାର୍ଡ

ଖଣ୍ଡପଡ଼ା,୨୦।୨(ଅଜୟ କୁମାର ମହାରଣା)

ରାଶନକାର୍ଡ ବ୍ୟବାହର ଉପରେ ସ୍ୱଚ୍ଛତା ଆଣିବା ପାଇଁ ରାଜ୍ୟ ସରକାର କଡା ଆଭିମୁଖ୍ୟ ଗ୍ରହଣ କରିଛନ୍ତି । ଏହାଛଡା ରାଶନକାର୍ଡ ହାତେଇଥିବା ହିତାଧିକାରୀଙ୍କ ମଧ୍ୟରୁ ଅଯୋଗ୍ୟ ହିତାଧିକାରୀଙ୍କୁ ବାଦ ଦେବା ସହ ସମସ୍ତ ହିତାଧିକାରୀ ଇ- କେୱାଇସି ଦାଖଲ କରିବା ପାଇଁ ନିର୍ଦ୍ଦେଶନାମା ରହିଛି । ଏହି କ୍ରମରେ ଖଣ୍ଡପଡ଼ା ବ୍ଲକ୍ ଅଧୀନ କୁମ୍ଭାରପଡା ପଞ୍ଚାୟତରୁ ୪ଜଣ, ଖଳିସାହି ପଞ୍ଚାୟତରୁ ୩ଜଣ, ରାଣୀପଡା ପଞ୍ଚାୟତରୁ ୪ଜଣ, ବନମାଳୀପୁର ଓ ଶାଳଝରିଆ ପଞ୍ଚାୟତରୁ ୨ଜଣ, ସିଧାମୂଳା, ଜଗନ୍ନାଥପ୍ରସାଦ, ରାଣୀଛେଲ୍ଲୀ, ମର୍ଦ୍ଦରାଜପୁର, ଗଡିଆସାହି, ରୟତଢୋଲମରା, ବୋଦସା, ସିଂଘାପଡା ଓ ବଡବାଣପୁର ପଞ୍ଚାୟତରୁ ଜଣେ ଲେଖାଏଁ ବ୍ୟକ୍ତି ରାଶନକାର୍ଡ ବ୍ଲକ କାର୍ଯ୍ୟାଳୟ ପରିସରସ୍ଥିତ ଯୋଗାଣ ନୀରିକ୍ଷକଙ୍କ କାର୍ଯ୍ୟାଳୟରେ ଫେରାଇଥିବା ବେଳେ ଖଣ୍ଡପଡା ସହରାଞ୍ଚଳର ବିଭିନ୍ନ ୱାର୍ଡରୁ ୭ଜଣ ବ୍ୟକ୍ତି ରାଶନକାର୍ଡ ଫେରାଇଥିବା ବ୍ଲକ ଯୋଗାଣ ନୀରିକ୍ଷକ ଗୋବିନ୍ଦ ଚନ୍ଦ୍ର ବେହେରାଙ୍କଠାରୁ ପ୍ରକାଶ ।

# ମାଙ୍କଡ଼ ପଶିଯିବାରୁ ବାଇକ୍‌ରୁ ପଡ଼ି ଦମ୍ପତି ଆହତ

ନୟାଗଡ଼/ରଣପୁର,୨୦।୨
(ଲୋକନାଥ ମିଶ୍ର/ସୁକାନ୍ତ କିଶୋର ଡାକୁଆ)

ସୁନାଖଳା ରଣପୁର ରାସ୍ତାର ଲୋଧାଚୁଆଠାରେ ବାଇକ୍ ପଶିଯିବାରୁ ରଣପୁର ବ୍ଲକ ଅଡାଲ ଗାଁର ପ୍ରାଣନାଥ ବେହୁରା(୬୨) ଆହତ ହୋଇଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ ଭୁବନେଶ୍ୱରର ଏମସ୍‌ରେ ଭର୍ତ୍ତି କରାଯାଇଛି। ଅଡାଲ ଗାଁର ପ୍ରାଣନାଥ ବେହୁରାଙ୍କ ରଣପୁରରେ ଏକ ବେସରକାରୀ ସ୍କୁଲ ଅଛି। ସେ ଓ ତାଙ୍କ ସ୍ତ୍ରୀ ଶାନ୍ତିଲତା ବାଇକ୍‌ରେ ରଣପୁର ସ୍କୁଲକୁ ଗୁରୁବାର ପୂର୍ବାହ୍ନରେ ଆସୁଥିଲେ । ଲୋଧାଚୁଆ ନିକଟରେ ବାଇକ୍ ଭିତରକୁ ମାଙ୍କଡ ପଶି ଆସିବାରୁ ଏହି ଦମ୍ପତି ରାସ୍ତାରେ ପଡି ଯାଇଥିଲେ। ଉଭୟଙ୍କୁ ରଣପୁର ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି।

# ୪୦ ଦିନରେ ୩ ମନ୍ଦିରରୁ ଚୋରି

ନୟାଗଡ଼,୨୦।୨(ଲୋକନାଥ ମିଶ୍ର)

ନୟାଗଡ଼ ପୋଲିସ ଜିଲାରେ ୪୦ ଦିନରେ ୩ ମନ୍ଦିରରୁ ଚୋରି ହୋଇଛି । ଚୋରିର ତରିକାକୁ ଦେଖିଲେ ଚୋରଙ୍କ ଟାର୍ଗେଟରେ ମନ୍ଦିର ରହିଥିବା ସ୍ପଷ୍ଟ ହେଉଛି । ମନ୍ଦିରରେ ସିସିଟିଭି ନ ଥିବାବେଳେ ସୁରକ୍ଷା ମଧ ନାହିଁ । ପୁଣି କେତେକ ସ୍ଥାନରେ ରାତି ଜଗୁଆଳି ରହିଥିଲେ ମଧ ତାହା କେବଳ ଲୋକ ଦେଖାଣିଆ ବୋଲି ଅଭିଯୋଗ ହୋଇଛି । ୩ଟି ମନ୍ଦିରରୁ ଚୋରି ପରେ ପୋଲିସ ଚୋରର ଟେର ପାଉ ନ ଥିବାରୁ ଚୋର ପୋଲିସକୁ ଖୋଲା ଚାଲେଞ୍ଜ ଦେଉଥିବା ଅଭିଯୋଗ ହୋଇଛି । ଗତ ୧୯ ତାରିଖ ବୁଧବାର ରାତିରେ ନୟାଗଡ଼ ପୁରୁଣା ସହର ଜଗନ୍ନାଥ ମନ୍ଦିରରୁ ଚୋରି ହୋଇଛି । ଚୋରମାନେ ଦାନ ବାକ୍ସରୁ ଟଙ୍କା ନେଇଯିବା ସହ ଶ୍ରୀ ଜୀଉଙ୍କ ୧୩ ଗ୍ରାମ ରୁପା ଓ ସୁନା ପାଣି ଦିଆଯାଇଥିବା ଅଳଙ୍କାର ଚୋରାଇ ନେଇଛନ୍ତି । ସେହିଭଳି ଗତ ୧୫ ତାରିଖ ରାତିରେ ଜିଲାର ପ୍ରସିଦ୍ଧ ଶୈବପୀଠ ଓଡ଼ଗାଁ ନିକଟସ୍ଥ ଓଡ଼ଗାଁ ଥାନାର ଜାମୁପାଟଣାସ୍ଥିତ ଦୂତିକେଶ୍ୱର ମନ୍ଦିରରୁ ରାଧାକୃଷ୍ଣଙ୍କର ବିରଳ ମୂର୍ତ୍ତି ଚୋରାଇ ନେଇଥିଲେ । ସେହିପରି ଗତ ୧୧ ତାରିଖ ରାତିରେ ଇଟାମାଟି ଥାନା ବଡପଣ୍ଡୁସରର ପ୍ରସିଦ୍ଧ ଉଗ୍ରେଶ୍ୱର ମହାଦେବଙ୍କର ୨୫ କେଜି ଓଜନର ଚଳନ୍ତି ପ୍ରତିମା ଚନ୍ଦ୍ରଶେଖର ଓ ପାର୍ବତୀଙ୍କ ମୂର୍ତ୍ତି, ୩୦ କେଜି ଓଜନର ପଞ୍ଚମୁଖୀ ଶିବ ମୂର୍ତ୍ତି ଚୋରି ହୋଇଥିଲା ।

# ଡାକ୍ତରଖାନାରେ ରୋଗୀଙ୍କ ମାରପିଟ

ନୟାଗଡ଼,୨୦।୨ (ଲୋକନାଥ ମିଶ୍ର)

## ଚିକିତ୍ସା ହେବାକୁ ଆସି ଜେଲ ଗଲେ

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ (ଡିଏଚ୍‌ଏଚ୍)ରେ ୪ଜଣ ରୋଗୀ ମାରପିଟ୍ ହୋଇ ଗିରଫ ହୋଇଛନ୍ତି । ଜାମିନ ନାମଞ୍ଜୁର ପରେ ଗୁରୁବାର ଶରଣକୁଳ ଥାନା ଫାସିପଲ୍ଲୀ ନିକଟସ୍ଥ ନଠିଆପଲ୍ଲୀ ଗାଁର ରମେଶ ମହାପାତ୍ର, ବିଭୂତି ମହାପାତ୍ର, ତପନ ପ୍ରଧାନ ଓ ଚୁନା ପ୍ରଧାନ ନୟାଗଡ଼ ଜିଲା ଜେଲକୁ ଯିବାକୁ ପଡିଛି। ଅଭିଯୋଗ ଅନୁଯାୟୀ, ନଠିଆପଲ୍ଲୀ ଗାଁର ରମେଶ, ବିଭୂତି, ତପନ ଓ ଚୁନା କୌଣସି କାରଣକୁ ଆହତ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ । ବୁଧବାର ରାତିରେ ନିଜ ନିଜ ଭିତରେ ମାରପିଟ୍ ହୋଇଥିଲେ। ଏଥିଯୋଗୁ ଜିଲା ମୁଖ୍ୟ ଚିକିତ୍ସାଳୟର କବାଟ ଓ ବିଭିନ୍ନ ଉପକରଣ ନଷ୍ଟ ହୋଇଥିଲା। ଏନେଇ ଡାକ୍ତର ଅନିଲ କୁମାର ସାମନ୍ତରାୟଙ୍କ ଅଭିଯୋଗ କ୍ରମେ ନୟାଗଡ଼ ଟାଉନ ଥାନାରେ ଏକ ମାମଲା(ନଂ.୬୬/୨୫) ମାମଲା ରୁଜୁ କରାଯାଇଥିଲା।

# ବର୍ଷାରେ ଭିଜିଲା ଧାନବସ୍ତା



ବର୍ଷାରେ ଭିଜିଥିବା ଧାନବସ୍ତାକୁ ଘୋଡ଼ାଇ ରଖାଯାଇଛି।

ଖଣ୍ଡପଡ଼ା,୨୦।୨ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ ବିଭିନ୍ନ ସେବା ସମବାୟ ସମିତିରେ ଖୋଲିଥିବା ଧାନମଣ୍ଡିରେ ବ୍ୟାପକ ଅବ୍ୟବସ୍ଥାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏପରି କି ମଣ୍ଡିରେ ଚାଷୀଙ୍କ ଶତାଧିକ ବସ୍ତା ଧାନ ବାହାରେ ପଡି ବର୍ଷାରେ ଭିଜିଛି। ବୁଧବାର ରାତିରେ କାଳବୈଶାଖୀ ପ୍ରଭାବରେ ବର୍ଷା ପବନ ସାଙ୍ଗକୁ କୁଆପଥର ବୃଷ୍ଟି ହୋଇଥିଲା। କିଆଝର ସେବା ସମବାୟ ସମିତି ଧାନମଣ୍ଡି ରହିଥିବା ଧାନ ନଷ୍ଟ ହୋଇଥିବା ଅଭିଯୋଗ ହେଉଛି। ମଣ୍ଡିରେ ଧାନ ମହଜୁଦ ରଖିବା ପାଇଁ ଗୋଦାମ ଗୃହ ନ ଥିବାରୁ ଚାଷୀମାନେ ଏହି ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ମିଲର ଠିକ ସମୟରେ ମଣ୍ଡିକୁ ଆସି ଧାନ ନେଉ ନ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା କିଆଝର, ଗଡିଆସାହି ଓ ସିଂଘାପଡା ଅଞ୍ଚଳର ଚାଷୀମାନେ ଅଭିଯୋଗ କରିଛନ୍ତି। ଅପରପକ୍ଷେ ଧାନମଣ୍ଡି ଖୋଲୁଥିବା ସେବା ସମବାୟ ସମିତି କାର୍ଯ୍ୟାଳୟ ପାର୍ଶ୍ୱରେ ଶତାଧିକ ଧାନବସ୍ତା ମହଜୁଦ ରଖିବା ନିମନ୍ତେ ଗୋଦାମ ଗୃହର ଆବଶ୍ୟକତା ଥିବାରୁ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ବୁଦ୍ଧିଜୀବି ମହଲରୁ ଦାବି ହେଉଛି।

## ଲଗାଣ ବର୍ଷାରେ ଘର ଭାଙ୍ଗିଲା

ଖଣ୍ଡପଡ଼ା,୨୦।୨(ଅଜୟ କୁମାର ମହାରଣା)

କାଳ ବୈଶାଖୀ ପ୍ରଭାବରେ ବୁଧବାର ରାତିରେ ପ୍ରବଳ ବର୍ଷା, ପବନ ସାଙ୍ଗକୁ କୁଆପଥର ମାଡରେ ଖଣ୍ଡପଡ଼ା ବ୍ଲକ୍ ଅଞ୍ଚଳର ବିଭିନ୍ନ ସ୍ଥାନରେ କ୍ଷୟକ୍ଷତି ହୋଇଛି। ବ୍ଲକର କୁମ୍ଭାରପଡା ପଞ୍ଚାୟତ ଅଧୀନ ଜାକେଲା ଗ୍ରାମର ବଟକୃଷ୍ଣ ନାୟକଙ୍କ ୨ବଖରା ଆଜବେଷ୍ଟସ ଛପର ଘର ଭାଙ୍ଗିଯିବା ଫଳରେ ପରିବାରବର୍ଗ ମୁଣ୍ଡ ଗୁଞ୍ଜିବା ପାଇଁ ସସ୍ୟାର ସମ୍ମୁଖୀନ ହୋଇଛନ୍ତି। କ୍ଷତିଗ୍ରସ୍ତ ପରିବାରବର୍ଗଙ୍କୁ ଏକ ପଲିଥିନ ସହ ଆର୍ଥିକ ସହାୟତା ରାଶି ଯୋଗାଇ ଦେବା ପାଇଁ କୁମ୍ଭାରପଡା ସରପଞ୍ଚ ଚିନ୍ମୟ କୁମାର ପଣ୍ଡା ଖଣ୍ଡପଡ଼ା ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। କ୍ଷୟକ୍ଷତିର ଆକଳନ ପାଇଁ ସ୍ଥାନୀୟ ରାଜସ୍ୱ ନୀରିକ୍ଷକଙ୍କୁ ଖଣ୍ଡପଡା ତହସିଲ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ରିପୋର୍ଟ ହସ୍ତଗତ ହେବା ପରେ କ୍ଷତିଗ୍ରସ୍ତ ପରିବାରବର୍ଗଙ୍କୁ ସରକାରୀ ସହାୟତା ପ୍ରଦାନ କରାଯିବ ବୋଲି ତହସିଲଦାର ବିଶ୍ୱ ବିଶ୍ରୃତ ତ୍ରିପାଠୀ କହିଛନ୍ତି।



ଘର ଉପରୁ ଆଜବେଷ୍ଟସ୍ ଉଡ଼ିଯାଇଛି।

